## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଚାଖୀ ଖୁଣ୍ଟିଆଙ୍କ ୧୫୩ତମ ଶ୍ରାଦ୍ଧୋତ୍ସବ, କଳ୍ପନା ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ, ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ସ୍ନେହୀ ସମାଜ, ଭୁବନେଶ୍ୱରର ୫୪ତମ ସାଧାରଣ ଅଧିବେଶନ, ଭଞ୍ଜକଳା ମଣ୍ଡପ, ସକାଳ ୯ଟା।
- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।
- କଲେଜ ଅଫ୍ ଏଗ୍ରିକଲ୍‌ଚର୍, ଭୁବନେଶ୍ୱରର ଆଲୁମ୍ନି ପ୍ରୋମୋଶନ ମିଟ୍, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ଉତ୍ସବ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ ଉତ୍ସବ, ବୁଲନ୍ ଭାଇ ସେବା ସଦନ, କଂଗ୍ରେସ ଭବନ ପଛପାଖ, ପୂର୍ବାହ୍ନ ୧୧ଟା।
- କବିତା ଆସର 'ଶେଷ ସ୍ପର୍ଶ', କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଅପରାହ୍ନ ୫ଟା।

**ପୁରୀ**
- ଏମ୍‌ଭିଆଇ ଆଇନ ଓ ଜନସଚେତନତା ଶୀର୍ଷକ ଆଲୋଚନାଚକ୍ର, ୟୁଥ୍ ହୋଟେଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ସୁଲେଖ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠ ଓ ଆଲୋଚନାଚକ୍ର, ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଣ୍ଡପ, ଅପରାହ୍ନ ୩ଟା।
- ସିଦ୍ଧମହାବୀର ସଙ୍ଗୀତ ପରିଷଦର ବାର୍ଷିକୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

# ୩ ବର୍ଷ ପରେ କର୍ତ୍ତବ୍ୟପଥରେ ଓଡ଼ିଶା ପ୍ରଜ୍ଞାପନ ମେଢ଼

## ବିଶ୍ୱ ଦେଖିବ ବିକଶିତ ରଘୁରାଜପୁର ଗ୍ରାମ, ସମ୍ବଲପୁରୀ ନୃତ୍ୟ

ଭୁବନେଶ୍ୱର,୩୦।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)


ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚୟନ ହୋଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ର ଡିଜାଇନ୍।

ତିନିବର୍ଷ ଧରି ନିରାଶ ହେବା ପରେ ଏଥର ଓଡ଼ିଶାର ପ୍ରଜ୍ଞାପନ ମେଢକୁ ଦିଲ୍ଲୀ ଦରବାରରେ ଦେଖିବାକୁ ମିଳିବ। ସାରା ବିଶ୍ୱ ଦେଖିବ ଓଡ଼ିଶା କଳାସଂସ୍କୃତିର ଝଲକ ଓ ମହାନ୍ ପରମ୍ପରାର ଐତିହ୍ୟ। ଶୁକ୍ରବାର ଦିଲ୍ଲୀଠାରେ ଅନୁଷ୍ଠିତ ୪ର୍ଥ ବୈଠକରୁ ଏଭଳି ସୂଚନା ମିଳିଛି। ଆସନ୍ତା ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ କର୍ତ୍ତବ୍ୟ ପଥରେ ହେବାକୁ ଥିବା ଜାତୀୟ ପରେଡ଼ରେ ଓଡ଼ିଶାର ମେଢ ସ୍ଥାନ ପାଇଛି। ତେବେ ବିକଶିତ ଭାରତ ଥିମ୍‌କୁ ନେଇ ଓଡ଼ିଶା ପକ୍ଷରୁ ୪ଟି ଡିଜାଇନ ଦିଆଯାଇଥିଲା। ଏଥିରେ ରଘୁରାଜପୁର ଗ୍ରାମର ଡିଜାଇନକୁ କେନ୍ଦ୍ର ମୋହର ମାରିଛି। ଏହାସହିତ ସମ୍ବଲପୁରୀ ନୃତ୍ୟକୁ ମଧ୍ୟ ଏଥିରେ ପରିବେଷଣ କରାଯିବ। ରଘୁରାଜପୁରର ଶିଳ୍ପୀମାନେ କିପରି ଅନାବଶ୍ୟକ ସାମଗ୍ରୀରୁ ବିଭିନ୍ନ କଳାକୃତି ପ୍ରସ୍ତୁତ କରି ବିକଶିତ ହୋଇଛନ୍ତି ଏବଂ ରଘୁରାଜପୁରର ଏହି କଳା କିଭଳି ବିକଶିତ ହୋଇ ସାରା ବିଶ୍ୱରେ ଆଦୃତ ହୋଇପାରିଛି ତାହା ଏଥିରେ ଦର୍ଶାଯାଇଛି। ଶିଳ୍ପୀ ଗୁରୁ ଗଜେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ପ୍ରସ୍ତୁତ କରିବେ ଶିଳ୍ପୀ କୀର୍ତ୍ତି କିଶୋର ମହାରଣା। ତେବେ ମେଢର ସମ୍ମୁଖ ଭାଗରେ କନ୍ଦର୍ପ ହାତୀର ପ୍ରତିକୃତି ରହିବା ସହିତ ପଛଭାଗରେ ରଘୁରାଜପୁର ଗାଁରେ କିଭଳି ନାରୀଶକ୍ତି କଳା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ତାହା ସ୍ଥାନ ପାଇବ। ମେଢ ସହିତ ସମ୍ବଲପୁରୀ ନୃତ୍ୟସଙ୍ଗୀତ ରହିବ। ଏଥିପାଇଁ ସମ୍ବଲପୁର ଟ୍ରାଇବାଲ ଆଣ୍ଡ୍ ଫୋକ୍ ଆର୍ଟ ଗ୍ରୁପ ମନୋନୀତ ହୋଇଛି। ଗୁରୁ ଆଲୋକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୦ଜଣ ଛାତ୍ରୀ ସେଠାରେ ନୃତ୍ୟ ପରିବେଷଣ କରିବେ। ୨୦୨୦ରେ ଶେଷଥର ପାଇଁ ପ୍ରଜ୍ଞାପନ ମେଢ଼ ଗଡିଥିଲା।

# ମିସେସ୍ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ମୁକୁଟ ପିନ୍ଧିଲେ ସାଇପ୍ରସନ୍ନା

ଭୁବନେଶ୍ୱର,୩୦।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)


ଅନ୍ୟ ଦୁଇ ବିଜେତାଙ୍କ ସହ ମିସେସ୍ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ମୁକୁଟ ପିନ୍ଧିଥିବା ସାଇପ୍ରସନ୍ନା (ମଝି)।

ମ୍ୟାନ୍‌ମାରରେ ଆୟୋଜିତ ଅନ୍ତର୍ଜାତୀୟ ପ୍ରତିଭା ପ୍ରତିଯୋଗିତା 'ମିସେସ ଗ୍ରାଣ୍ଡ୍ ଇଣ୍ଟରନ୍ୟାଶନାଲ ୨୦୨୩'ର ବିଜେତା ହୋଇ ମୁକୁଟ ପିନ୍ଧିଛନ୍ତି ଡ. ସାଇପ୍ରସନ୍ନା ବେହେରା। ୨୫ରୁ ଅଧିକ ଦେଶରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଭାରତ ପାଇଁ ଏହି ଗୌରବ ଆଣିଛନ୍ତି। ପ୍ରଥମଥର ପାଇଁ ଭାରତ ଏହି ପ୍ରତିଯୋଗିତାର ମୁକୁଟ ହାସଲ କରିଛି। ତେବେ ଖୁସିର କଥା ଦେଶକୁ ପ୍ରତିନିଧିତ୍ୱ କରିଥିବା ଡ. ସାଇପ୍ରସନ୍ନାଙ୍କ ଘର ଭୁବନେଶ୍ୱରରେ। ୪୧ ବର୍ଷୀୟା ଡ. ବେହେରା କ୍ଲିନିକାଲ ରିସର୍ଚ୍ଚ ପ୍ରଫେସନାଲ ଭାବରେ କାର୍ଯ୍ୟରତ। ଏହି ପ୍ରତିଯୋଗିତାରେ ତାଙ୍କର ବୃତ୍ତିଗତ ଜ୍ଞାନ ଉଜ୍ଜ୍ୱଳ ଭାବରେ ଉଜ୍ଜ୍ୱଳିତ ହୋଇଥିଲା, ଯାହା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତି ତାଙ୍କର ଉତ୍ସାହ ବେଶ୍ ପରିପୂର୍ଣ୍ଣ ଥିଲା। ପ୍ରତିଭା ଚୟନ ରାଉଣ୍ଡ୍‌ରେ ତାଙ୍କ ଅଭିନୟରେ ଏକ ନିଆରା ଆକର୍ଷଣ ଯୋଡିଥିଲା।

# ନୂଆବର୍ଷ ଆରମ୍ଭରୁ ବର୍ଷା ସମ୍ଭାବନା

- ଘନକୁହୁଡ଼ି ପାଇଁ ସତର୍କ କଲା ପାଣିପାଗ କେନ୍ଦ୍ର
- ୭.୫ ଡିଗ୍ରୀ ସହ କୋରାପୁଟ ରାଜ୍ୟର ସବୁଠାରୁ ଥଣ୍ଡା ସହର

ଭୁବନେଶ୍ୱର, ୩୦।୧୨(ଅସମାପିକା ସାହୁ)

ପଶ୍ଚିମାଝଡ଼ ପ୍ରଭାବରେ ନୂଆବର୍ଷର ପ୍ରାରମ୍ଭରୁ ବର୍ଷା ହେବା ସମ୍ଭାବନା ରହିଛି। ଜାନୁୟାରୀ ପ୍ରଥମ ସପ୍ତାହ ଶେଷ ବେଳକୁ ରାଜ୍ୟର କିଛି ଜିଲାରେ ହାଲୁକା ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। କେନ୍ଦ୍ରର ସୂଚନାନୁସାରେ, ୫ ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝରରେ ବର୍ଷା ହୋଇପାରେ। ସେପଟେ ରାଜ୍ୟରେ କୁହୁଡ଼ି ପ୍ରଭାବ ବୃଦ୍ଧି ପାଇଥିବା ବେଳେ ଶୀତର ପ୍ରକୋପ କମିଛି। ଶନିବାର ଫୁଲବାଣୀ, ରାଉରକେଲା, ନୟାଗଡ଼ ଓ କୋରାପୁଟରେ ୫୦ ଏବଂ ସୋନପୁରରେ ୧୦୦ ମିଟର ଘନକୁହୁଡ଼ି ରେକର୍ଡ କରାଯାଇଛି। ସେହିପରି ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ଦେବଗଡ଼ରେ ଘନକୁହୁଡ଼ି ହେବା ସମ୍ଭାବନା ରହିଛି। ସୋମବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ସୋନପୁର, ବୌଦ୍ଧ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ରାୟଗଡ଼ାରେ ଘନକୁହୁଡ଼ି ପାଇଁ ସତର୍କତା ଜାରି କରାଯାଇଛି। ସେପଟେ ରବିବାର କୋରାପୁଟ ୭.୫ ଡିଗ୍ରୀ ତାପମାତ୍ରା ସହ ସବୁଠାରୁ ଥଣ୍ଡା ସହର ରହିଥିଲା। ସେହିପରି ଦାରିଙ୍ଗବାଡ଼ିରେ ୮.୫, ଜି ଉଦୟଗିରି ୧୧, ନୂଆପଡ଼ା ୧୧.୪, ଫୁଲବାଣୀ ୧୧.୫, ନବରଙ୍ଗପୁର ୧୧.୫, କିରେଇ ୧୧.୭, ଅନୁଗୋଳ ୧୨ ଓ ଭବାନିପାଟଣାରେ ୧୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରୋଜେକ୍ଟର ସୋନପୁର - ଖମ୍ବେଶ୍ୱରପଲ୍ଲୀ ସେକ୍ସନର ଯାଞ୍ଚ

**ଭୁବନେଶ୍ୱର, ୩୦।୧୨(ଅନୁରାଧା ମହାରଣା):** ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ଖମ୍ବେଶ୍ୱରପଲ୍ଲୀ ମଧ୍ୟରେ ୧୦.୫୦ କି.ମି. ବିଶିଷ୍ଟ ବ୍ରଡ ଗେଜ୍ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ରେଳ ସୁରକ୍ଷା (ସିଆରଏସ୍) କମିଶନର ଶୁକ୍ରବାର ଏହି ନବନିର୍ମିତ ରେଳ ଲାଇନକୁ ଯାଞ୍ଚ କରି ବିଭାଗର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ନୂତନ ଭାବେ ନିର୍ମିତ ରେଳ ଟ୍ରାକ, ସିଗ୍ନାଲିଂ ସିଷ୍ଟମ, ବ୍ରିଜ୍‌ର ସୁରକ୍ଷା ପାରାମିଟର ଯାଞ୍ଚ କରିବା ପରେ ଏହାକୁ ଫିଟ ଘୋଷଣା କରିଛନ୍ତି। ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀଙ୍କ ଏକ ଟିମ୍ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ମୋଟ ୩୦୧ କି.ମି.ରୁ ୧୫୨.୮୦୫ କି.ମି. ରେଳ ଲାଇନ କାମକୁ କାର୍ଯ୍ୟକ୍ଷମ କରାଯାଇଛି। ପୂର୍ବତଟ ରେଳ ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଶୀଘ୍ର ପ୍ରକଳ୍ପ ଶେଷ କରିବା ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଚାଲିଥିବା କାର୍ଯ୍ୟର ସ୍ଥିତି ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧ ହଜାର ସୌରଚାଳିତ ଶୀତଳ ଗୃହ ସ୍ଥାପନ ହେବ

## ୭ଦିନରେ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୧୨
(ଅସମାପିକା ସାହୁ)

ରାଜ୍ୟରେ ୧୦୦୦ଟି ସୌରଚାଳିତ ଶୀତଳ ଗୃହ ସ୍ଥାପନ କରାଯିବ। ସମସ୍ତ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସ୍ଥାନୀୟ ଚାହିଦାକୁ ଦୃଷ୍ଟିରେ ରଖି ୧୦ ଟନ୍‌ରୁ ଆରମ୍ଭ କରି ୩୦ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଶୀତଳ ଗୃହ ସ୍ଥାପନ ପାଇଁ ବ୍ୟୟ ଅଟକଳ ଆସନ୍ତା ୭ ଦିନ ମଧ୍ୟରେ ପ୍ରସ୍ତୁତ କରିବାକୁ ମନ୍ତ୍ରୀ କହିଛନ୍ତି। ଜାତୀୟ ଉଦ୍ୟାନ କୃଷି ମିଶନ, ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ସମବାୟ ବିଭାଗ ଏବଂ ଓରେଡ଼ା ସହାୟତାରେ ଏହି ଶୀତଳ ଗୃହ ସ୍ଥାପନ କରାଯିବ। ଶନିବାର ଲୋକସେବା ଭବନଠାରେ ଉଦ୍ୟାନ କୃଷିଜାତ ଦ୍ରବ୍ୟ ଯଥା ପନିପରିବା ଆଦି ସାଇତି ରଖିବା ପାଇଁ ସୌରଚାଳିତ ଶୀତଳ ଗୃହ ସ୍ଥାପନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଛନ୍ତି, ଶୀତଳ ଗୃହ ସ୍ଥାପନ ଦ୍ୱାରା ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ୨୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ କମ୍ କରାଯାଇପାରିବ। ଏହାଦ୍ୱାରା ଚାଷୀଙ୍କୁ ଅଭାବୀ ବିକ୍ରି କରିବାକୁ ପଡ଼ିବ ନାହିଁ। ଫଳ ଓ ପନିପରିବାର ଉପଯୁକ୍ତ ସଂରକ୍ଷଣ ଦ୍ୱାରା ବିକ୍ରିରୁ ଅଧିକ ଆୟ ମିଳିପାରିବ। ସେହିପରି ହିତାଧିକାରୀଙ୍କୁ ବିଦ୍ୟୁତ ଶୁଳ୍କରୁ ରକ୍ଷା ମିଳିବା ସହ ସୌରଚାଳିତ ବିଦ୍ୟୁତର ଅଧିକ ଉପଯୋଗ ହୋଇପାରିବ। ରାଜ୍ୟର ସମସ୍ତ ହିତାଧିକାରୀଙ୍କୁ ଶୀତଳ ଗୃହ ସ୍ଥାପନ ପାଇଁ ଶତକଡ଼ା ୭୦ ପ୍ରତିଶତ ସରକାରୀ ରିହାତି ଯୋଗାଇ ଦିଆଯିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଲେ, ଚାଷୀ ବିନା ବ୍ୟାଙ୍କ ଋଣ ସହାୟତାରେ ନିଜସ୍ୱ ଖର୍ଚ୍ଚରେ ମଧ୍ୟ ଏହି ଶୀତଳ ଗୃହ ସ୍ଥାପନ କରିପାରିବେ ଓ ସରକାରୀ ରିହାତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ସମେତ ସମବାୟ ସମିତି ସମୂହର ନିବନ୍ଧକ, ଓରେଡ଼ା କର୍ତ୍ତୃପକ୍ଷ, ଓଡ଼ିଆ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡିନ୍, କୃଷି ଇଞ୍ଜିନିୟର ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# 'ସଂକ୍ରମଣ ରୋକିବାକୁ ନୂଆବର୍ଷ ଘରେ ପାଳନ କର'

## ସତର୍କ କଲେ, ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୦।୧୨(ଅସମାପିକା ସାହୁ):** ରାଜ୍ୟରେ କରୋନା ସଂକ୍ରମଣ ପୁଣି ଆରମ୍ଭ ହୋଇଛି। ଆଉଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ମୋଟ ୧୪ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୩ ଆକ୍ଟିଭ କେସ୍ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଏଥିସହ ସଂକ୍ରମଣ ଏଡାଇବାକୁ ଲୋକେ ମାସ୍କ ପିନ୍ଧିବା ସହ ନୂଆବର୍ଷ ଘରେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଥଣ୍ଡା, ଜ୍ୱର ଓ କାଶ ହେଉଥିଲେ ବାହାରକୁ ନ ଯାଇ ଘରେ ଜିରୋ ନାଇଟ୍ ପାଳନ କରନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଅନ୍ୟପଟେ କରୋନା ଆକ୍ରାନ୍ତ ସଂଖ୍ୟା ବଢୁଥିବାରୁ ସଜାଗ ରହିବାକୁ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଜରୁରୀ ଚିଠି କରାଯାଇଛି। ସର୍ଭେଲାନ୍ସ, ଟେଷ୍ଟିଂ ବଢ଼ାଇବା ସହ ଅକ୍ସିଜେନଯୁକ୍ତ ବେଡ୍ ପ୍ରସ୍ତୁତ ରଖିବା ଓ ଆକ୍ରାନ୍ତଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଟଙ୍କା ଲୋଭରେ ମାଲିକଙ୍କୁ ଅପହରଣ କରିଥିଲେ ଡ୍ରାଇଭର

- ଡ୍ରାଇଭର ଲକି ସମେତ ୩ ଜେଲ ଗଲେ
- ମହିଳାଙ୍କ ସମେତ ଅନ୍ୟ ୨ ଅଭିଯୁକ୍ତ ଫେରାର

ଭୁବନେଶ୍ୱର,୩୦।୧୨
(ସୂର୍ଯ୍ୟକାନ୍ତ ବେହେରା)



ଡ୍ରାଇଭର ଲକିଙ୍କ ସମେତ ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱରରୁ କ୍ୟାବ୍ ଡ୍ରାଇଭର ତଥା ବ୍ୟବସାୟୀ ପିଣ୍ଟୁ ସାହୁଙ୍କୁ ଅପହରଣ କରି ଯାଜପୁରରେ ମୁଣ୍ଡଜାମିନ ରଖି ୧୦ଲକ୍ଷ ଟଙ୍କା ଦାବି କରିବା ମାମଲାର ପର୍ଦ୍ଦାଫାଶ କରିଛି ଖଣ୍ଡଗିରି ପୋଲିସ। ଘଟଣା ପଛରେ ତାଙ୍କ କାର ଡ୍ରାଇଭର ଯାଜପୁର କୁଆଖିଆ ଅଞ୍ଚଳର ସ୍ୱାଗତ ଶେଖର ସାହୁ ଓରଫ ଲକି ହିଁ ମାଷ୍ଟରମାଇଣ୍ଡ୍ ବୋଲି ଜଣାପଡିଛି। ଟଙ୍କା ଲୋଭରେ ସେ ଅନ୍ୟ ସହଯୋଗୀଙ୍କ ସହ ମିଶି ଅପହରଣର ଷଡ଼ଯନ୍ତ୍ର ରଚିଥିଲେ। ପିଣ୍ଟୁ ଜମି କିଣିବା ପାଇଁ ପାଖରେ ଟଙ୍କା ରଖିଥିବା ଜାଣିବା ପରେ ଲକି ଓ ଅନ୍ୟମାନେ ଗୁରୁବାର ରାତିରେ ତାଙ୍କୁ ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା କୁଞ୍ଜଲ ଗାର୍ଡେନ ଆପାର୍ଟମେଣ୍ଟ ନିକଟରୁ କାର୍‌ରେ ଅପହରଣ କରିନେଇଥିଲେ। ତେବେ ଶୁକ୍ରବାର ରାତିରେ ଭୁବନେଶ୍ୱର କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଯାଜପୁର ଜିଲା ଧର୍ମଶାଳା ଆରୁହା ଜଙ୍ଗଲସ୍ଥିତ ଏକ ପରିତ୍ୟକ୍ତ ଘରୁ ପିଣ୍ଟୁଙ୍କୁ ଉଦ୍ଧାର କରିବା ସହ ମାଷ୍ଟରମାଇଣ୍ଡ୍ ଲକିଙ୍କ ସହ ସହଯୋଗୀ ଧର୍ମଶାଳା ଅଞ୍ଚଳର ମଣ୍ଟୁ ମହାନ୍ତି ଓ ରାଉରକେଲାର ପ୍ରିୟବ୍ରତ ବେହେରାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଅପରାଧରେ ବ୍ୟବହୃତ କାର ଓ କିଛି ମାରଣାସ୍ତ୍ର ଜବତ କରାଯାଇଛି। ଶନିବାର ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବାବେଳେ ଜଣେ ମହିଳା ସଂପୃକ୍ତ ଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ସୂଚନା ଦେଇଛି।

ସୂଚନାନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା କୁଞ୍ଜଲ ଗାର୍ଡେନ ଆପାର୍ଟମେଣ୍ଟରେ ରୁହନ୍ତି ପିଣ୍ଟୁ। ସେ ନିଜ କାର୍‌ଗୁଡିକୁ କ୍ୟାବ୍‌ରେ ଭଡ଼ାରେ ଲଗାଇଥିଲେ। ନିଜେ ଗାଡି ଚଳାଇବା ସହ କେତେଜଣ ଡ୍ରାଇଭରଙ୍କୁ ରଖିଥିଲେ। ଗୁରୁବାର ରାତିରେ ସେ ଜଣେ ଡ୍ରାଇଭରଙ୍କ ସହ ଆପାର୍ଟମେଣ୍ଟ ତଳକୁ ଆସିଥିଲେ। ଏହି ସମୟରେ ଆପାର୍ଟମେଣ୍ଟ ନିକଟରେ ପୂର୍ବରୁ ଏକ କାର୍‌ରେ ଲୁଚି ରହିଥିବା ଅଭିଯୁକ୍ତମାନେ ପିଣ୍ଟୁଙ୍କୁ ଜୋର୍ ଜବରଦସ୍ତ କାର୍‌ରେ ଅପହରଣ କରିନେଇଥିଲେ। ଏହାପରେ ସେମାନେ ପିଣ୍ଟୁଙ୍କୁ ଯାଜପୁର ଧର୍ମଶାଳା ଅଞ୍ଚଳକୁ ନେଇ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଇଥିଲେ। ଏଥିସହ ତାଙ୍କ ସ୍ତ୍ରୀଙ୍କ ମୋବାଇଲକୁ ଭିଡିଓ କଲ୍ କରି ସ୍ୱାମୀଙ୍କୁ ମାଡ଼ ମାରୁଥିବା ଦୃଶ୍ୟ ଦେଖାଇ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଭୟରେ ତାଙ୍କ ସ୍ତ୍ରୀ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୨ଲକ୍ଷ ଟଙ୍କା ଟ୍ରାନ୍ସଫର କରିବା ସହ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅର୍ପିତା


@ ଦେବଦତ୍ତ


@ ରାଜେନ୍ଦ୍ର


@ ଦୀପ୍ତାଞ୍ଜଳି


@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମଙ୍ଗଳା ମନ୍ଦିର ପରିଦର୍ଶନକଲେ ରାଜ୍ୟପାଳ

କାକଟପୁର,୩୦।୧୨(ଶୁଭଦର୍ଶନ ମିଶ୍ର)

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଶନିବାର କାକଟପୁର ମା' ମଙ୍ଗଳାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ରାଜ୍ୟପାଳ ପୂର୍ବାହ୍ନ ୧୧ଟା ସମୟରେ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ସିଂହଦ୍ୱାର ନିକଟରେ ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ମଙ୍ଗଳା ମନ୍ଦିର ସେବାୟତ ନିଯୋଗ ଉପସଭାପତି କମଳ ଲୋଚନ ଦୀକ୍ଷିତ, ସେବାୟତ ନିଯୋଗ ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ ପ୍ରମୁଖ ସେବାୟତ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମନ୍ଦିର ଗର୍ଭଗୃହରେ ରାଜ୍ୟପାଳ ମା'ଙ୍କ ଦର୍ଶନ କରିବା ସହିତ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ମୃତି ସ୍ୱରୂପ ରାଜ୍ୟପାଳଙ୍କୁ ମା' ମଙ୍ଗଳାଙ୍କ ଫଟୋଚିତ୍ର ସହିତ ଉତ୍ତରୀୟ ପ୍ରଦାନ ସହ ମନ୍ଦିର ସେବାୟତଙ୍କ ପକ୍ଷରୁ ପ୍ରସ୍ତୁତ ଅଧରପଣା ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା।

ରାଜ୍ୟପାଳ ଦାସଙ୍କୁ ସେବାୟତ ଆଶୀର୍ବାଦ କରିଥିଲେ। ପରେ ପୁରୀ ପ୍ରତ୍ୟାଗମନ କରିବା ବାଟରେ ବିରିବସ୍ତଠାରେ ପ୍ରଥମଥର ପାଇଁ ରାଜ୍ୟପାଳ ଚାଷୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ଇଶାନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଗସ୍ତକୁ ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


କାକାଟପୁର ମଙ୍ଗଳା ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାଜ୍ୟପାଳ ରଘୁବର ଦାସଙ୍କୁ ମା'ଙ୍କ ଫଟୋଚିତ୍ର ପ୍ରଦାନ କରାଯାଉଛି।

**ଏନ୍‌ସିପିଏ ପକ୍ଷରୁ ସଙ୍ଗୀତ କ୍ଷେତ୍ରରେ ସ୍କଲାରଶିପ୍**

ଭୁବନେଶ୍ୱର, (ଶର୍ମିଷ୍ଠା ପାଣିଗ୍ରାହୀ)-ନ୍ୟାଶନାଲ ସେଣ୍ଟର ଫର ପରଫରମିଂ ଆର୍ଟସ (ଏନ୍‌ସିପିଏ) ମୁମ୍ବାଇ ଓ ସିଟି ଇଣ୍ଡିଆ ପକ୍ଷରୁ 'ସିଟି ଏନ୍‌ସିପିଏ ସ୍କଲାରସିପ୍ ଫର୍ ୟଙ୍ଗ ମ୍ୟୁଜିସିଆନ'ର ନୂଆ ସଂସ୍କରଣ ଘୋଷଣା କରାଯାଇଛି। ହିନ୍ଦୁସ୍ତାନୀ ସଙ୍ଗୀତ କ୍ଷେତ୍ରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କଠାରୁ ଆବେଦନ ଆହ୍ୱାନ କରାଯାଉଛି। ବୟସ ସୀମା ୧୮ରୁ ୩୫ବର୍ଷ । ହିନ୍ଦୁସ୍ତାନୀ ସଙ୍ଗୀତରେ ପୂର୍ଣ୍ଣକାଳୀନ ପ୍ରଶିକ୍ଷଣ ନେବା ପାଇଁ ଚୟନ ହୋଇଥିବା ୯ଜଣ ପ୍ରାର୍ଥୀଙ୍କୁ ୨ବର୍ଷ ପାଇଁ ମାସିକ ୧୦ହଜାର ଟଙ୍କା ପ୍ରଦାନ କରାଯିବ। ଶେଷ ତାରିଖ ଜାନୁୟାରୀ ୧୦ ରହିଛି।

## ସଂକ୍ଷେପରେ

### ବିଜେବି କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୦।୧୨(ଅସମାପିକା ସାହୁ) – ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଅଧ୍ୟକ୍ଷ ଗୁଲାମ୍ ମୋଇନୁଦ୍ଦିନ୍ ଖାଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ରବିବାର ୩୧ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ବିଜେବି ଷ୍ଟୁଡେଣ୍ଟସ ଆସୋସିଏଶନ୍ ତରଫରୁ କଲେଜ ପରିସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କଲେଜର ସମସ୍ତ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଅଧ୍ୟକ୍ଷଙ୍କ ସହ ନିଜର ଅନୁଭୂତି ରଖିଥିଲେ। ଶୁଭଲକ୍ଷ୍ମୀ ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ତିତୀକ୍ଷା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତାଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,୩୦।୧୨(ଶର୍ମିଷ୍ଠା ପାଣିଗ୍ରାହୀ)– ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତି ଓ ଅନୁଶାସନ ହିଁ ସାମ୍ପ୍ରତିକ ଯୁବ ସମାଜର ଧ୍ୟେୟ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲକ୍ଷ୍ମୀଧର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏଲିନା ପଣ୍ଡା ଓ ଅନ୍ୱେଷା ବେହେରା ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ମହାବୀର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବକଙ୍କ ଉପରେ ଚଢ଼ିଗଲା କ୍ରେନ୍

ବାରଙ୍ଗ,୩୦।୧୨(ଲିଙ୍ଗରାଜ ରାଉତ)– ବାରଙ୍ଗ ଥାନା ଅଧୀନ ବଙ୍ଗାଳୀ ସାହି ନିକଟରେ ଜଣେ ଯୁବକଙ୍କ ଉପରେ କ୍ରେନ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ନନ୍ଦନକାନନଠାରୁ ବାରଙ୍ଗ ବଙ୍ଗାଳୀ ସାହି ପର୍ଯ୍ୟନ୍ତ ବାରଙ୍ଗ– କଟକ ମୁଖ୍ୟରାସ୍ତାର ମରାମତି ବିଳମ୍ବିତ ରାତିରେ କରାଯାଉଛି। ଏଥିନିମନ୍ତେ ଠିକାଦାର ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ଦ କରୁଛନ୍ତି। ଏହି ସମୟରେ ବାରଙ୍ଗ ଦାଢାପାଟଣା ତେଲେଙ୍ଗାସାହିର ଗୋପୀନାଥ ରାଓ(୧୮) ଶୌଚ ପାଇଁ ରାସ୍ତାକଡ଼କୁ ଯାଇଥିଲେ। ସେହି ସମୟରେ ସେଠାରେ ଥିବା କ୍ରେନ୍‌ଟି ଗୋପୀନାଥଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଗୋପୀନାଥ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ଗୋପୀନାଥଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଏ ସଂକ୍ରାନ୍ତରେ ବାରଙ୍ଗ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ଭୁବନେଶ୍ୱରର ୪୫୨ କଚ୍ଚା ରାସ୍ତା ପକ୍କା ହେବ

**ଖର୍ଚ୍ଚ ହେବ ୩୭୦ କୋଟି**

**କାର୍ଯ୍ୟାଦେଶ ବାଣ୍ଟିଲା ବିଏମ୍‌ସି**

ଭୁବନେଶ୍ୱର, ୩୦। ୧୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଥିବା ୪୫୨ଟି କଚ୍ଚା ରାସ୍ତା ପକ୍କା ହେବ। ୧୮୦ କି.ମି. କଚ୍ଚା ରାସ୍ତାର ରୂପାନ୍ତରୀକରଣ ହୋଇ ପେଭର ବ୍ଲକ ରାସ୍ତାରେ ପରିଣତ ହେବ। ଏଥିପାଇଁ ୩୭୦କୋଟି ଟଙ୍କା ବ୍ୟୟ କରାଯିବ। ଏହି ପରିପ୍ରେକ୍ଷୀରେ ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟାଦେଶ ବଣ୍ଟନ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୫୯ କି.ମି.ର ୩୭ଟି ରାସ୍ତା ପାଇଁ ୧୧୬ କୋଟି ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିମଧ୍ୟରୁ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ୩୩ଟି ରାସ୍ତା (୧୧.୮୩୦ କି.ମି) ପାଇଁ ୮ଟି ୱାର୍କଅର୍ଡର ଦିଆଯାଇ ଥିବାବେଳେ ଏଥିପାଇଁ ୨୫.୮୪କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଉତ୍ତର ନିର୍ବାଚନ ମଣ୍ଡଳୀର ୧୧୮ଟି ରାସ୍ତା (୪୬.୮୫୦ କି.ମି) ପାଇଁ ୨୯ଟି ୱାର୍କଅର୍ଡର ଦିଆଯାଇଥିବାବେଳେ ୯୦.୧୨କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦିଆଯାଇଛି। ବିଏମ୍‌ସିରେ ପ୍ରଥମଥର ପାଇଁ ଟେଣ୍ଡର ପାଇଥିବା ଠିକାଦାରଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ତୁରନ୍ତ କାମ ଆରମ୍ଭ କରିବା ସହ ଠିକ୍ ସମୟରେ ଓ ଠିକ୍ ଭାବେ କାମ କରିବାକୁ ସମସ୍ତ ଠିକାଦାରଙ୍କୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଦିନ କର୍ପୋରେଟର ଓ ଟିମ୍ ବିଏମ୍‌ସି ସମ୍ପୃକ୍ତ କାର୍ଯ୍ୟର ତଦାରଖ କରିବ। କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ମେୟର, କମିଶନର, ବିଧାୟକ ଓ ଅନ୍ୟମାନଙ୍କ ସହ କାର୍ଯ୍ୟାଦେଶ ପାଇଥିବା ଠିକାଦାର।

# ଜିରୋ ନାଇଟ୍, ନୂଆବର୍ଷ ପାଇଁ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର,୩୦।୧୨ (ସୂର୍ଯ୍ୟକାନ୍ତ ବେହେରା)

**ଜଗିବେ ୧୪ ପ୍ଲାଟୁନ ଫୋର୍ସ, ୨୯ ସ୍ଥାନରେ ଏମ୍‌ଭି ଚେକିଂ**

ନୂଆବର୍ଷ ସେଲିବ୍ରେଶନକୁ ସୁରକ୍ଷିତ ତଥା ଶୃଙ୍ଖଳିତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବ୍ୟବସ୍ଥା ଗ୍ରହଣ କରାଯିବା ସହ ସୁରକ୍ଷାକୁ କଡାକଡି କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଭିଡିଓ ବାର୍ତ୍ତା ଜରିଆରେ ସୂଚନା ଦେଇଛନ୍ତି। ୪ ଅତିରିକ୍ତ ଡିସିପି, ୭ ଏସିପି, ୨୪ ଇନ୍ସପେକ୍ଟର ଓ ୮୭ ଏସ୍‌ଆଇ/ଏଏସ୍‌ଆଇଙ୍କ ସମେତ ମୋଟ ୧୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ରବିବାର ୩୧ ତାରିଖ ସନ୍ଧ୍ୟା ୭ଟାରୁ ରାତି ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂକୁ କଡାକଡି କରାଯିବ। ସେହିପରି ସହରର ୨୯ ସ୍ଥାନରେ ଏମ୍‌ଭି ଚେକିଂ କରାଯିବ। ଦ୍ରୁତଗତିରେ ଗାଡି ଚଳାଉଥିଲେ କାର୍ଯ୍ୟାନୁଷ୍ଠାନ ହେବ। ମଦ୍ୟପାନ କରି ଗାଡି ଚାଳନା ଉପରେ ନଜର ରଖିବାକୁ ସହରର ୧୮ଟି ସ୍ଥାନରେ ଚେକ୍ ପୋଷ୍ଟ କରାଯାଇଛି। ଏଥିସହ ୪ଟି ସ୍ଥାନ ମାଷ୍ଟରକ୍ୟାଣ୍ଟିନ, କଳ୍ପନା ଛକ,ଖଣ୍ଡଗିରି ଛକ ଓ ରସୁଲଗଡ ଛକରେ କ୍ୱିକ୍ ରେସ୍‌ପନ୍ସ ଟିମ୍ ରହିବେ। ସେହିଭଳି ବାଣୀବିହାର, ନାଲ୍‌କୋ ଓ ମାଷ୍ଟରକ୍ୟାଣ୍ଟିନରେ ଷ୍ଟ୍ରାଇକିଂ ଫୋର୍ସ ନିୟୋଜିତ କରାଯିବ। ଏଥିସହ ନିଶା କାରବାର ଉପରେ ମଧ୍ୟ ନଜର ରଖାଯାଇଛି। ଅପରପକ୍ଷେ ପର୍ଯ୍ୟଟନସ୍ଥଳୀଗୁଡିକରେ ଜନଗହଳିକୁ ନଜରରେ ରଖି ୮ସେକ୍ସନ ପୋଲିସ ଫୋର୍ସ ମୁତୟନ ହେବେ। ଲାଉଡ୍‌ସ୍ପିକର ବଜାଇବା ପାଇଁ ଖାଲିସ୍ଥାନରେ ରାତି ୧୦ଟା ଓ ହୋଟେଲ ଆଦିରେ ରାତି ୧୨ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇଛି। ଜିରୋ ନାଇଟ୍ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପୋଲିସ ନିୟୋଜିତ ରହିବେ ବୋଲି ଡିସିପି ସିଂ କହିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନୃତ୍ୟ।

# ସରସ୍ୱତୀ ବସ୍ତିର ୧୨୫ ଘର ଭାଙ୍ଗିଲା ବିଡିଏ

ଭୁବନେଶ୍ୱର, ୩୦। ୧୨ (ବନ୍ଦନା ସେଠୀ)

ଚନ୍ଦ୍ରଶେଖରପୁରସ୍ଥିତ ସରସ୍ୱତୀ ବସ୍ତିକୁ ଶନିବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ବସ୍ତିରେ ରହୁଥିବା ପରିବାରଙ୍କୁ ରେ' (ରାଜୀବ ଆବାସ ଯୋଜନା) ଅନ୍ତର୍ଗତ ଚନ୍ଦ୍ରଶେଖରପୁରସ୍ଥିତ ଆଫଡେବୁଲ ହାଉସିଂ ପ୍ରୋଜେକ୍ଟକୁ ସ୍ଥାନାନ୍ତରିତ କରାଯାଇଛି। ଏହି କ୍ରମରେ ବସ୍ତିରେ ରହୁଥିବା ୧୨୫ ହିତାଧିକାରୀଙ୍କ ଘର ଭଙ୍ଗାଯାଇଥିଲା। ଏଥିରେ ପ୍ରାୟ ୩୫୦ ଆଜ୍‌ବେଷ୍ଟସ ଘର ଓ ୩ଟି ଦୋକାନ ଉଚ୍ଛେଦ କରାଯାଇ ପ୍ରାୟ ୨ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନ୍‌ଶୃଙ୍ଖଳା ପରିସ୍ଥିତି ପାଇଁ ୧ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଚ୍ଛେଦବେଳେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ଯୁଗ୍ମ କମିଶନର (ପ୍ରଶାସନ) ବିଶ୍ୱରଞ୍ଜନ ରଥ, ଡେପୁଟି କମିଶନର (ଏନ୍‌ଫୋର୍ସମେଣ୍ଟ) ଅରୁଣ କୁମାର ନାୟକ ଏବଂ ଆଡିଶନାଲ ଲ୍ୟାଣ୍ଡ ଅଫିସର ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୪ର୍ଥ ପର୍ଯ୍ୟାୟରେ ୯ହଜାରରୁ ଊର୍ଦ୍ଧ୍ୱ ଏଲ୍‌ଆର୍‌ସି ବଣ୍ଟନ



ମେୟର ସୁଲୋଚନା ଦାସଙ୍କ ସହ ଏଲଆର୍‌ସି ପାଇଥିବା ବସ୍ତିବାସିନ୍ଦା।

ଭୁବନେଶ୍ୱର, ୩୦। ୧୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଶନିବାର ୪ର୍ଥ ପର୍ଯ୍ୟାୟରେ ତିନି ଜୋନ୍‌ର ୯ହଜାର ୮୧୫ଜଣ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବଣ୍ଟନ କରାଯାଇଛି। ଗୁମୁଗୁମାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମହାମାୟା ସ୍ୱାଇଁଙ୍କ ସହ କର୍ପୋରେଟରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିଥିଲେ। ସେହିପରି ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରୀତିନନ୍ଦା ରାଉତରାୟ, କର୍ପୋରେଟର ସୁଷମା ସାହୁ ପ୍ରମୁଖଙ୍କ ସହ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ଜୋନାଲ ଡେପୁଟି କମିଶନର ସ୍ୱାଗତ ଦାସ ପ୍ରମୁଖ ଉପସ୍ଥିତ ରହି ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ୮ ନମ୍ବର କଲ୍ୟାଣ ମଣ୍ଡପଠାରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା ଜୋନାଲ ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ ଓ କର୍ପୋରେଟର ଉପସ୍ଥିତ ରହି ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ।

# ତନୁଶ୍ରୀ ଜେନାଙ୍କୁ 'ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ'

ଭୁବନେଶ୍ୱର,୩୦।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଶନିବାର ସୂଚନା ଭବନଠାରେ ଇଟିକିଲି ମିଟିକିଲି ଦ୍ୱାରା ସଙ୍ଗୀତ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଦୀପ କୁମାର ବିଶ୍ୱାଳ, ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଚିବ ଶରତ କୁମାର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିସହିତ ଭୁବନେଶ୍ୱରରେ ପିଲାଙ୍କ ପାଇଁ ଏକ କୋଳିବଗିଚା କରାଯାଉ ବୋଲି ଆହ୍ୱାନ ଦେବା ସହିତ ଏ ଦିଗରେ ଇଟିକିଲି ମିଟିକିଲି ସରକାରଙ୍କ ନିକଟରେ ଦାବି ଜଣାଇବ ବୋଲି କହିଥିଲେ। ଏହି ଅବସରରେ ୨୦୨୩ବର୍ଷ ପାଇଁ କିଶୋରୀ କଣ୍ଠଶିଳ୍ପୀ ତନୁଶ୍ରୀ ଜେନାଙ୍କୁ ଅର୍ଥରାଶି ସହ ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିଶୁ କଣ୍ଠଶିଳ୍ପୀ ଶନାୟା ମିଶ୍ର, ଦିଶିତା ସ୍ୱାଇଁ, ଶିଲ୍ପା ସଂପୂର୍ଣ୍ଣା, ଦିସ୍ମା ଦିବ୍ୟାଂଶୀ ସାହୁ, ଶ୍ରୀୟାଂଶୀ ତ୍ରିପାଠୀ, ଅର୍ପିତା ଦାସ, ଆଂଶୀ ଦାସ, ତ୍ରିଶା ଶାଶ୍ୱତ ଦାଶ, ସିଦ୍ଧିସ୍ମା ବିନ୍ଧାଣି, ବର୍ଣ୍ଣାଳୀ ନାୟକ, ଶ୍ରୀ ଶତପଥୀ, ଦ୍ୱେଶା ମିଶ୍ର, ଶାରଦା ରାଉତ ଓ ତନୁଶ୍ରୀ ଜେନା ପ୍ରମୁଖ ମନଛୁଆଁ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଉପସ୍ଥାପିକା ପ୍ରତୀକ୍ଷା ପ୍ରିୟଦର୍ଶିନୀ ପରିଡ଼ା ଓ ଦିବ୍ୟାଂଶା ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମ୍ପାଦିକା ଅନିତା ରଥ ସ୍ୱାଗତ ସୂଚନା ପ୍ରଦାନପୂର୍ବକ ଅନୁଷ୍ଠାନର ଆଭିମୁଖ୍ୟ ସଂପର୍କରେ କହିଥିଲେ।




ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟ ଅତିଥିଙ୍କ ସହ ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ ପାଇଥିବା ତନୁଶ୍ରୀ ଜେନା ଏବଂ ଅନ୍ୟ କଣ୍ଠଶିଳ୍ପୀମାନେ।

# 'ଆତଙ୍କବାଦ ଦେଶର ଏକତା, ଶାନ୍ତି ପାଇଁ ବଡ଼ ବିପଦ'

ଭୁବନେଶ୍ୱର, ୩୦।୧୨(ଅନୁରାଧା ମହାରଣା)

**୧୫ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଯୁବଗୋଷ୍ଠୀ ଆଗେଇ ଆସିବା ଜରୁରୀ। ଆତଙ୍କବାଦ ଦେଶର ଏକତା ଏବଂ ଶାନ୍ତି ପାଇଁ ଏକ ବଡ ବିପଦ। ଯୁବକମାନେ ଆତଙ୍କବାଦ ବିରୋଧରେ ଏକଜୁଟ ହୋଇ ହିଂସା ସଂସ୍କୃତିରୁ ଦୂରେଇ ରହିବା ଉଚିତ। ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ଯୁବକମାନେ ବିରୋଧ ଓ ନିନ୍ଦା କରିବା ଉଚିତ ବୋଲି ୧୫ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଭୁବନେଶ୍ୱର କିଟ୍‌ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଇଜରର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ମନ୍ତ୍ରଣାଳୟର ସହ ନିର୍ଦ୍ଦେଶକ ଡ. ତାପସ କୁମାର ସାମନ୍ତରାୟ, କଳିଙ୍ଗ ହସ୍ପିଟାଲର ସହ ନିର୍ଦ୍ଦେଶକ ଜ୍ଞାନେନ୍ଦୁ ମହାପାତ୍ର, କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଓ ଯୋଗ ବିଭାଗର ଡାଇରେକ୍ଟର ଜେନେରାଲ୍ ଡ. ଗଗନେନ୍ଦୁ ଦାଶ, ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧାର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଜିଲାର ଯୁବ ଅଧିକାରୀ ପ୍ରଦୀପ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନେହେରୁ ଯୁବକେନ୍ଦ୍ରର ସହାୟକ ବିଭାଗୀୟ ଅଧିକାରୀ ରୋହିତ ନନ୍ଦେଶ୍ୱର, କୁଳମଣି ମଲ୍ଲିକ, ଶୁଭେନ୍ଦ୍ରନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। 'ମୋ ଦେଶ, ମୋ ମାଟି' କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜଙ୍କିଆ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏହାସହ ଯୁବତୀଯୁବକଙ୍କ ମଧ୍ୟରେ ବକ୍ତୃତା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜନମଙ୍ଗଳ ପାଇଁ ସାହିତ୍ୟର ସୃଷ୍ଟି

**ସ୍ମୃତିଲିପିର ବାର୍ଷିକ ଉତ୍ସବ**

ଭୁବନେଶ୍ୱର,୩୦।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟ ପତ୍ରିକା 'ସ୍ମୃତିଲିପି'ର ଅଷ୍ଟବିଂଶତମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ସଦାକାଳ ସାହିତ୍ୟ ଗତିଶୀଳ। ଜନମଙ୍ଗଳ ପାଇଁ ସାହିତ୍ୟର ସୃଷ୍ଟି। ଗର୍ବ ଓ ଅହଂକାରଠାରୁ ଦୂରେଇ ରହି ସାହିତ୍ୟିକମାନେ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। ଏହି ଅବସରରେ ପତ୍ରିକା ର ନୂତନ ସଂଖ୍ୟା ଓ ରତ୍ନଗିରି ପତ୍ରିକା ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପୂର୍ବତଟ ରେଳପଥର ପୂର୍ବତନ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥିଭାବେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସମ୍ମାନିତ ଅତିଥି ସାହିତ୍ୟକ ଡ଼. ପ୍ରଶାନ୍ତ କୁମାର ବିଶ୍ୱାଳ, ପ୍ରଫେସର ଗୀତାଶ୍ରୀ ପ୍ରିୟମ୍ବଦା, ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ, ସମ୍ପାଦକ ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପଦ୍ମାକର ଗୁରୁ ପ୍ରମୁଖ ସାମ୍ପ୍ରତିକ ସାହିତ୍ୟର ଗତି ଓ ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କୁ 'ଆଇନଜୀବୀ ପ୍ରଫୁଲ୍ଲ ଧଳ ସ୍ମୃତି ସମ୍ମାନ', ହଳଧର ଧୀରଙ୍କୁ 'ଅବଦୁଲ ସତ୍ତାର ସ୍ମୃତି ସେବା ସମ୍ମାନ', ସବିତାରାଣୀ ବେହେରାଙ୍କୁ 'ରଜନୀ ମିଶ୍ର ସ୍ମୃତି ସମ୍ମାନ', ଲବଙ୍ଗ ଲତା ପରିଡାଙ୍କୁ 'ରୀନା ମହାପାତ୍ର ସ୍ମୃତି ସମ୍ମାନ', ଡ. ମନମୋହନ ଆଚାର୍ଯ୍ୟଙ୍କୁ 'ସ୍ମୃତି ଲିପି ପ୍ରତିଭା ସମ୍ମାନ', ଡ. ଅରୂପ କୁମାର ମିଶ୍ର, ଲେଖକ ନିରୋଦ ଚନ୍ଦ୍ର ଜେନା, ଲେଖିକା ଗୀତା ଦାସ, ସମାଜସେବୀ କୌଶଲ୍ୟା ବେହୁରା, ସରୋଜିନୀ ମିଶ୍ର, ଲେଖକ ଚନ୍ଦ୍ର ମଣି ମହାକୁଡ଼, ଶିକ୍ଷାବିତ ରବି ନାରାୟଣ ଦାସ, ଶିଶୁ ପ୍ରତିଭା ସୁଶ୍ରୀ ସ୍ୱୟମ ଅର୍ପିତା ଓ ମାଷ୍ଟର ଶ୍ରୀଅଂଶ ପ୍ରଧାନଙ୍କୁ 'ସ୍ମୃତିଲିପି ସମ୍ମାନ' ପ୍ରଦାନ କରାଯାଇଥିଲା। ଶରତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# ମଧୁସୂଦନଙ୍କୁ 'ଭାରତ ଗୌରବ' କହିବାକୁ ପ୍ରସ୍ତାବ

ଭୁବନେଶ୍ୱର, ୩୦। ୧୨ (ବନ୍ଦନା ସେଠୀ)

**ଉତ୍କଳ ସମ୍ମିଳନୀର ୧୨୧ତମ ପ୍ରତିଷ୍ଠା ଦିବସ**

ଉତ୍କଳ ସମ୍ମିଳନୀର ୧୨୦ବର୍ଷ ପୂର୍ତ୍ତି ତଥା ୧୨୧ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବରପୁତ୍ରଙ୍କୁ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ରାଜଭବନ ଛକରେ ଥିବା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପଦ୍ମଚରଣ ନାୟକ, ସୀତାବଲ୍ଲଭ ମହାପାତ୍ର ଓ ପ୍ରବୀର ମହାନ୍ତି ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କୁ 'ଭାରତ ଗୌରବ' କହିବା ଉଚିତ ବୋଲି କହିବା ସହ ଏନେଇ ପ୍ରସ୍ତାବ ରଖିଥିଲେ। ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଉତ୍କଳ ସମ୍ମିଳନୀ ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିଲେ। ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ବିଚିତ୍ରାନନ୍ଦ ସାହୁ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।




ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ୨ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁଦିନ ବଢ଼ିଚାଲିଛି। କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍), ପୋଲିସ ଏବଂ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। କୋଲକାତାରୁ ବାଲେଶ୍ୱର, ଜଳେଶ୍ୱର ଆଦି ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ସମେତ ପଡୋଶୀ ଜିଲ୍ଲାକୁ ପଠାଯାଉଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢ଼ି ଏଥିରେ ସାମିଲ ହୋଇ ବିପଦଗାମୀ ହେଉଛନ୍ତି। ତେବେ ବ୍ରାଉନ୍‌ସୁଗାର କାରବାର ପଛରେ ମାଷ୍ଟରମାଇଣ୍ଡ କିଏ, ଏଥିରେ ଅନ୍ୟ କେଉଁମାନଙ୍କ ହାତ ରହିଛି ସେମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ତେବେ ଶନିବାର ଖୋର୍ଦ୍ଧା ଟାଉନ ପୋଲିସ ସ୍ଥାନୀୟ ଶାଗୁଆନ ବଗିଚାରେ ଚଢ଼ାଉ କରି ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନରେନ୍ଦ୍ର ବେହେରା ଓରଫ ଟିକିପୁଅ(୩୭) ଏବଂ ସୁବାଶିଷ ସ୍ୱାଇଁ ଓରଫ ଶକ୍ତି(୧୯)। ଏମାନଙ୍କଠାରୁ ୨୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା(ନଂ.୮୨୫/୨୩) ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାର ବେପାରୀଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଡିପିଓ ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପୂର୍ବାହ୍ନରେ ଚଢ଼ାଉ କରିଥିଲେ।

### ମା'ବାଉତି ଗୋଲ୍ଡେନ କ୍ଲବ ଚାମ୍ପିୟନ

ଜଟଣୀ,୩୦।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଇଲେଭେନଷ୍ଟାର କ୍ଲବ ବେଣାପଞ୍ଜରୀ ଆନୁକୂଲ୍ୟରେ ଅନୁଷ୍ଠିତ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମା'ବାଉତି ଗୋଲ୍ଡେନ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ବେଣାପଞ୍ଜରୀ ଫୁଟ୍‌ବଲ ପଡ଼ିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ୍ ୭ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ୭୨କ୍ଲବ ଠାଣାପଲି ବେଗୁନିଆ ଓ ମା'ବାଉତି ଗୋଲ୍ଡେନ କ୍ଲବ ଗୋଠବଣିଆଁ ଅରଗୁଳ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଗୋଲ ହୋଇ ନ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଗୋଲ୍ଡେନ କ୍ଲବର ସୁନୀଲ ନାୟକ ଗୋଟିଏ ଗୋଲ ଦେଇଥିଲେ। ୭୨କ୍ଲବ ଠାଣାପଲି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ରବି ନାରାୟଣ ରଣା ମ୍ୟାଚ୍ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ଖୁଣ୍ଟିଆ ଓ ଆନନ୍ଦ ନାୟକ ଲାଇନ୍ସରେ ସହାୟତା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କାରୀ ମୁଖତଦିର ଓ ହାଫିଜ ମୁଖତାର ଯୋଗଦେଇ ଚାମ୍ପିୟନ ଟିମକୁ ୩ହଜାର ଟଙ୍କା ଓ ରନର୍ସଅପ ଟିମକୁ ୨ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆୟୋଜକ ଇଲେଭେନଷ୍ଟାର କ୍ଲବର ସେରାଜ ଖାଁ, ମହମ୍ମଦ କୟୁମ ଓ ଅନୁ ଖାଁଙ୍କ ସମେତ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ବୋଲଗଡ଼ ମହୋତ୍ସବ

ବୋଲଗଡ଼,୩୦।୧୨(ଦେବବ୍ରତ ହୋତା)


ଉଦ୍‌ଯାପନୀ ଦିବସରେ ଅତିଥିମାନେ ମହୋତ୍ସବର ସ୍ମରଣିକା 'ଆଶା' ଉନ୍ମୋଚନ କରୁଛନ୍ତି।

ସ୍ଥାନୀୟ ବାମନ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ମହୋତ୍ସବ 'ଆଶା-୨୦୨୩' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ କହିଥିଲେ, ସ୍ଥାନୀୟ ଲୋକକଳା, ଲୋକ ସଂସ୍କୃତିକୁ ଲୋକପ୍ରିୟ କରିବାରେ ମହୋତ୍ସବ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଏଥିସହ ମହୋତ୍ସବ ମଞ୍ଚରେ ଲୋକ ପରମ୍ପରା ଓ ଐତିହ୍ୟର ପୁନଃ ଜାଗରଣ ହୋଇପାରୁଛି ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ମହୋତ୍ସବ ଏହି ଅଞ୍ଚଳର ସାଂସ୍କୃତିକ ଓ ବୌଦ୍ଧିକ ବାତାବରଣକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି। ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ରବୀନ୍ଦ୍ର କୁମାର ପରିଡ଼ା, ପ୍ୟାରୀ ମୋହନ ଦାସ, ଲଲାଟେନ୍ଦୁ କେଶରୀ ସିଂହ, ରଶ୍ମି ମାନ୍ଧାତା, ଶ୍ରୀମୟୀ ପ୍ରିୟଦର୍ଶିନୀ, ହୁଲ୍ଲାସ ପ୍ରଧାନ, ପ୍ରକାଶ ଚନ୍ଦ୍ର ରାଉତରାୟ, ତନୁଜା ପାଟଶାଣୀ, ପ୍ରଭାତୀ ରାଉତରାୟ, ବିକାଶ ପ୍ରଧାନ, ଅମ୍ବିକା ପ୍ରସାଦ ମହାନ୍ତି, ମାନସ ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସନାତନ ପାଟଶାଣୀ, ନାରାୟଣ ମାର୍ଥା, ମନୋଜ ସାହୁ, କାବୁ ଚମ୍ପତିରାୟ, ମନୋଜ ପଣ୍ଡା, ଜୟକୃଷ୍ଣ ଦଳବେହେରା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଅପରାହ୍ନରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ ପରିଚାଳନାରେ ସ୍କୁଲ ପିଲାଙ୍କ ପାଇଁ କୁଇଜ କାର୍ଯ୍ୟକ୍ରମ ପରେ ଖଉରୁଣୀ ଗ୍ରାମର ଲକ୍ଷ୍ମୀଧର ବେହେରା ଓ ସାଥୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସେହିପରି ବୋଲଗଡ଼ର ରଘୁନାଥ ମହିଳା ମାତୃମଣ୍ଡଳୀ ପକ୍ଷରୁ ଖଞ୍ଜଣି ଭଜନ, ସାନକୁମାରୀ ଗ୍ରାମର ସୁରେଶ ସେନାପତି ଓ ସାଥୀଙ୍କ ଦ୍ୱାରା ଭାରତ ଲୀଳା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ସାଧାରଣ ସଭା ପରେ ଭୁବନେଶ୍ୱରର ସାଇବଲା ସଂସଦ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱର ଦୟାଲ ଡ୍ୟାନ୍ସ ଏକାଡେମୀ ଦ୍ୱାରା ସମ୍ବଲପୁରୀ ଡ୍ୟାନ୍ସ, ଖୋର୍ଦ୍ଧାର ଡିଭାଇନ ଡ୍ୟାନ୍ସ ଗ୍ରୁପ୍ ଦାରା ଡ୍ୟାନ୍ସ ଡ୍ୟାନ୍ସ, ଭୁବନେଶ୍ୱରର ସୁର ଭାଇବ୍ରେଶନ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହୋତ୍ସବର ସ୍ମରଣିକା 'ଆଶା' ଉନ୍ମୋଚନ ହୋଇଥିଲା। ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବୀର ଦାସ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଆବାହନୀ ସଙ୍ଗୀତ ଓ ଅନ୍ୟାନ୍ୟ ସଙ୍ଗୀତ ଗାନ କରିଥିଲେ। ଅଖିଳେଶ ମହାପାତ୍ର, ଶ୍ରୀକାନ୍ତ କୁମାର ନାୟକ, ଇନ୍ଦ୍ରସ୍ୱରୂପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

### 'ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ'

ଜଟଣୀ,୩୦।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଶନିବାର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ରପୁର ବଜାରସ୍ଥିତ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଙ୍ଗଠନର ସଭାପତି ଅବନୀ ରାଉତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ସନ୍ତୋଷ ଜେନା ଯୋଗଦେଇ କହିଥିଲେ, ବରିଷ୍ଠନାଗରିକ ହେଉଛନ୍ତି ସମାଜର ପଥପ୍ରଦର୍ଶକ। ଅତିଥି ଏବଂ ସଙ୍ଗଠନର ସଦସ୍ୟମାନେ ଦେଶର ସେବାରେ ବଳିଦାନ ଦେଇଥିବା ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବ୍ଲକ ପଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ଅରୁଣ ମହାନ୍ତି, ବାସୁଦେବ ସେଠୀ, ଜବାହାରଲାଲ ସୁବୁଦ୍ଧି, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ହବିବୁର ରେହେମାନ ପ୍ରମୁଖ ଯୋଗଦେଇ ୨୦୨୪ ମସିହାରେ ସମାଜର ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ।

# ଜିଲ୍ଲାସ୍ତରୀୟ ଫାଇଲେରିଆ ନିରାକରଣ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)

**ଫେବୃୟାରୀ ୧୦ରୁ ଔଷଧ ସେବନ**

ଫାଇଲେରିଆ ନିରାକରଣ ପାଇଁ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୧୦ରୁ ୧୯ ପର୍ଯ୍ୟନ୍ତ ସାର୍ବଜନୀନ ସମୂହ ଔଷଧ ସେବନ ତଥା ବିତରଣ କାର୍ଯ୍ୟକ୍ରମ କରାଯିବ। ଜନସାଧାରଣଙ୍କୁ ଡିଇସି ଓ ଆଲ୍‌ବେଣ୍ଡାଜୋଲ ବଟିକାର ଗୋଟିଏ ମାତ୍ରା ଖୁଆଯିବ। ସେହିପରି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ପୋଖରୀପୁଟ, ଆଇଆର୍‌ସି ଭିଲେଜ ଓ ବରମୁଣ୍ଡାର ୧୨ଟି ୱାର୍ଡରେ ଏହି କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ୧୬ଶହ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ନିଯୁକ୍ତ କରାଯିବ। ପ୍ରାୟ ୯ଲକ୍ଷ ଡିଇସି ବଟିକା ଓ ୪ ଲକ୍ଷ ଆଲବେଣ୍ଡାଜୋଲ ବଟିକା ବ୍ୟବହାର କରାଯିବ। ଏହି ବୈଠକରେ ମୁଖ୍ୟ ଚିକିତ୍ସା ଅଧିକାରୀ ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକବ ଏବଂ ବିଭିନ୍ନ ବିଭାଗର ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଶବର ସ୍ପୋର୍ଟିଂ ଫାଇନାଲରେ

ଝାଁଲା,୩୦।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଝାଁଲା ପଞ୍ଚାୟତର ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟିଂ ଓ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚର ୨୫ ମିନିଟରେ ଶବର ସ୍ପୋର୍ଟିଂ ୧୧ ନମ୍ବର ଜର୍ସି ପିନ୍ଧିଥିବା ରମେଶ ସିଂ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା କଳିଙ୍ଗ ସ୍ପୋର୍ଟିଂ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଶବର ସ୍ପୋର୍ଟିଂ ୧-୦ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ରମେଶ ପାଇକରାୟ, ପ୍ରଫୁଲ୍ଲ କୁମାର ବେହେରା ଓ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳିଭାବେ ରମେଶ ସିଂ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ନିରାକାରପୁରରେ ପ୍ରଶାନ୍ତି ଏକ୍ସପ୍ରେସ୍‌କୁ ସ୍ୱାଗତ



ନିରାକାରପୁର,୩୦।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ନିରାକାରପୁର ଷ୍ଟେଶନରେ ଭୁବନେଶ୍ୱରରୁ ବାଙ୍ଗାଲୋର ଯାଉଥିବା ୧୮୪୬୩/୬୪ ନମ୍ବରବିଶିଷ୍ଟ ପ୍ରଶାନ୍ତି ଏକ୍ସପ୍ରେସ୍‌ର ରହଣି ଆରମ୍ଭ ହୋଇଛି। ବାଙ୍ଗାଲୋରରୁ ଆସୁଥିବା ଏହି ଟ୍ରେନ୍ ଶନିବାର ସନ୍ଧ୍ୟା ୭ଟା ୧୦ରେ ନିରାକାରପୁର ଷ୍ଟେଶନରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଟ୍ରେନ୍‌ରେ ଏକ କଦଳୀ ଗଛ ବନ୍ଧାଯିବା ସହ ଫୁଲରେ ସଜାଯାଇଥିଲା। ଟ୍ରେନ୍ ଚାଳକଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଟ୍ରେନ୍ ରହଣି ଯୋଗୁ ସ୍ଥାନୀୟ ଷ୍ଟେଶନରୁ ଭୁବନେଶ୍ୱର ପାଇଁ ୧ଶହ ଟିକେଟ ବିକ୍ରି ହୋଇଥିବା ଷ୍ଟେଶନ ପକ୍ଷରୁ ସୂଚନା ମିଳିଛି। ଏହି ଟ୍ରେନ୍ ଏଠାରେ ରହଣି ଯୋଗୁ ଖୋର୍ଦ୍ଧା, ବେଗୁନିଆ, ରଣପୁର, ସତ୍ୟବାଦୀ ଆଦି ନିର୍ବାଚନମଣ୍ଡଳୀର ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଉପକୃତ ହେବେ। ବିଭାଗୀୟ ଅଧିକାରୀ ଓ ରେଳ ବିଭାଗକୁ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ

ବୋଲଗଡ଼,୩୦।୧୨(ଦେବବ୍ରତ ହୋତା)



କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ଅଞ୍ଚଳର ସହଜପୁର ଗ୍ରାମରେ କଂଗ୍ରେସ ପକ୍ଷରୁ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହଜପୁର ଗ୍ରାମର ସମସ୍ତ ଘର ବୁଲି ଦେଶ ତଥା ରାଜ୍ୟର ପ୍ରଗତି ପାଇଁ କଂଗ୍ରେସ ହିଁ ବିକଳ୍ପ ବୋଲି ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ କଂଗ୍ରେସରେ ସାମିଲ ହୋଇ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପିସିସିର ସୋସିଆଲ ମିଡିଆ ସଂଯୋଜକ ସୁଶାନ୍ତ ମହାରଣା, ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୀବ କୁମାର ସୁବୁଦ୍ଧି, ଯୁବ କଂଗ୍ରେସ ସଭାପତି ଗଣେଶ୍ୱର ସୁବୁଦ୍ଧି, ବରିଷ୍ଠ କଂଗ୍ରେସ ନେତା ମାଧବ ଚନ୍ଦ୍ର ବିଶ୍ୱାଳ, ଯୁବନେତା ସୀମାଞ୍ଚଳ ଖଣ୍ଡାଇ, ବାଙ୍କୋଇଦେଶ ପଞ୍ଚାୟତ କଂଗ୍ରେସ ସଭାପତି ଶରତ କୁମାର ପାତ୍ର, ଯୁବ କଂଗ୍ରେସ ସଭାପତି ବିଜୟ ଉତ୍ତରକବାଟ, ନବ ଗୁମାନ୍‌ସିଂହ, ବିଜୟ ପ୍ରଧାନ, ବିଜୟ ଛୋଟରାୟ, ନୀଳମଣି ପ୍ରଧାନ, ଜୟ ପ୍ରଧାନ, ଅନନ୍ତ ଚରଣ ଅତବୁଦ୍ଧି, ସନା ଜୟସିଂହ, ସୁନୀଲ ନାଏକ, କ୍ଷେତ୍ରମୋହନ ଲେଙ୍କା, ସଞ୍ଜୟ ପାତ୍ରଙ୍କ ସମେତ କଂଗ୍ରେସ କର୍ମୀମାନେ ସାମିଲ ହୋଇଥିଲେ।

### ଟେଲିସିରିଏଲ କଳାକାର ଟିମ୍ ବିଜୟୀ

ବେଗୁନିଆ,୩୦।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଟେଲିସିରିଏଲ କଳାକାର ଟିମ୍ ଓ ବେଗୁନିଆର ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଟେଲିସିରିଏଲ କଳାକାର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୨୦୩ରନ ସଂଗ୍ରହ କରିଥିଲା। ଜବାବରେ ଗଣମାଧ୍ୟମ ପ୍ରତିନିଧି ଟିମ୍ ସମସ୍ତ ଉଇକେଟ ବିନିମୟରେ ୯୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦକ ସୌମ୍ୟରଞ୍ଜନ ଦାଶ ଓ ସଭ୍ୟ ସୁନୀଲ କୁମାର ପାଣିଗ୍ରାହୀ ମ୍ୟାଚ ପରିଚାଳନା କରିଥିବା ବେଳେ ସିଦ୍ଧେଶ୍ୱର ବେହେରା, ଓମ୍ ପ୍ରକାଶ ବ୍ରହ୍ମା ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ପିଏନ୍ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ମହାବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରଦୋଷ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଫେସର ଶୁଭେନ୍ଦୁ କୁମାର ମହାନ୍ତି ଏହାର ସଂଯୋଜନା କରିଥିଲେ। ଅନନ୍ଦିତା ଦାସ, ଜୟଶ୍ରୀ ଧଳ ଏବଂ ସାଥୀ ସଙ୍ଗୀତ ପରିବେଷଣ କରିଥଲେ। ଡ. ପ୍ରଣବ କିଶୋର ମହାନ୍ତି, ଡ. ପ୍ରିୟବ୍ରତ ମହାନ୍ତି, ଲକ୍ଷ୍ମୀନାରାୟଣ ସାମନ୍ତସିଂହାର, ରବୀନ୍ଦ୍ର ନାଥ ପୃଷ୍ଟିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସମ୍ବଲପୁର ଫାଇନାଲରେ

ଟାଙ୍ଗୀ, ୩୦।୧୨ (ରଘୁନାଥ ସାହୁ)

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

କୁହୁଡ଼ି ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ସମ୍ବଲପୁର ଫୁଟ୍‌ବଲ କ୍ଲବ ଓ ହାଓଡା ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ସମ୍ବଲପୁର ଟିମର ବିଜୁ ଓରାମ ଦୁଇଟି ଏବଂ କିସ୍କୋ ଗୋଟିଏ ଗୋଲ ଦେଇଥିଲେ। ସେହିପରି ହାଓଡା ଟିମର ସାଗର ଦାସ ଗୋଟିଏ ଗୋଲ ଦେଇଥିଲେ। ଫଳରେ ସମ୍ବଲପୁର ଫୁଟ୍‌ବଲ କ୍ଲବ ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଲୋକ କୁମାର ଦେହୁରି, ପ୍ରଦୀପ କୁମାର ନାୟକ, ଗୋପାଳ ସାମନ୍ତରାୟ ଓ ଅପର୍ତ୍ତି ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ କମଳାକାନ୍ତ ସାମନ୍ତରାୟ ମ୍ୟାଚ୍ କମିଶନର ଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସମ୍ବଲପୁର ଟିମର ବିଜୁ ଓରାମ ଏବଂ ହାଓଡା ଟିମର ସାଗର ଦାସଙ୍କୁ ବିଭୂତି ରାଉତରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଭାବେ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ମନୋଜ କୁମାର ମାନସିଂହ, ଶୁଭେନ୍ଦୁ ମାନସିଂହ, କେଦାରେଶ୍ୱର ପାତାଳସିଂ, ଶ୍ରୀବତ୍ସ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ସମ୍ବଲପୁର ଫୁଟ୍‌ବଲ କ୍ଲବ ଓ ସୋନପୁର ଫୁଟ୍‌ବଲ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ମହାବୀର କ୍ରିକେଟ ଟୁର୍ନାମେଣ୍ଟ**

# ଏମ୍‌କେସିସି କୁମାରଖାତିଆ ଚାମ୍ପିୟନ


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ନିରାକାରପୁର,୩୦।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ବାଲିପାଟପୁର ପଞ୍ଚାୟତରେ ଚାଲିଥିବା ମହାବୀର ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟରେ ଏମ୍‌କେସିସି କୁମାରଖାତିଆ ଜଟଣୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଶନିବାର ଫାଇନାଲ ମ୍ୟାଚ୍ ଏମ୍‌ସିଟି କଟକ ଓ ଏମ୍‌କେସିସି କୁମାରଖାତିଆ ଜଟଣୀ ମଧ୍ୟରେ ହୋଇଥିଲା। ଟସ୍ ଜିତି ଏମ୍‌ସିଟି କଟକ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌କେସିସି କୁମାରଖାତିଆ ଟିମ୍ ୧୬.୪ ଓଭରରେ ୬ ଉଇକେଟ ହରାଇ ୧୬୦ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ସମୀର ରଞ୍ଜନ ମଲ୍ଲିକ ଏବଂ ଅଜୟ ଜେନା ମ୍ୟାଚ୍ ପରିଚାଳନା କରିଥିଲ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିମଳ ମହାପାତ୍ର ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଦିବ୍ୟରଞ୍ଜନ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଗୌରହରି ମଲ୍ଲିକ, ଉପସଭାପତି ମାନସ ରଞ୍ଜନ ମଲ୍ଲିକ, ସୁରେନ୍ଦ୍ର ବେହେରା, ଶିବ ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଭୁବନେଶ୍ୱର ରେନ୍‌ବୋ କ୍ଲବ ଚାମ୍ପିୟନ

ବୋଲଗଡ଼,୩୦।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋଡ଼ିଆଳୀ ଗ୍ରାମର ରଘୁନାଥଦେବ ଭଲିବଲ ପରିବାର କ୍ଲବ ଆନୁକୂଲ୍ୟରେ ସପ୍ତମ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଇଟାମାଟି ଭଲିବଲ ଟିମକୁ ୨-୧ ରେ ହରାଇ ଭୁବନେଶ୍ୱର ରେନ୍‌ବୋ ଭଲିବଲ ଟିମ୍ ବିଜୟୀ ହେବା ସହିତ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥଲେ। ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସରପଞ୍ଚ ରମାମଣି ଦେଇ, ସମିତସଭ୍ୟ ତୋଫାନ ବେହେରା, ସାମ୍ବାଦିକ ସୁରେଶ କୁମାର ସାମନ୍ତରାୟ, ସାମାଜିକକର୍ମୀ ସରୋଜ କୁମାର ଛୋଟରାୟ, ହେମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକଙ୍କ ପକ୍ଷରୁ ଅଜିତ୍ କୁମାର ପାଇକରାୟ, ଅଭିଷେକ ସଂଗ୍ରାମସିଂହ, ନିରଞ୍ଜନ ସ୍ୱାଇଁ, ଦୀପକ ରାଉତରାୟ, ବୀରକିଶୋର ଛୋଟରାୟ, ସଞ୍ଜୟ ମହାରଣା, ମାନସ ସାହୁଙ୍କ ସମତେ ରଘୁନାଥଦେବ ଭଲିବଲ ପରିବାରର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୦।୧୨।୨୦୨୩

| | |
|---|---|
| ୩,୯୨,୫୪୭ ଟଙ୍କା | |
| ସୁନା | ୪.୫୫୦ ଗ୍ରାମ୍ |
| ରୁପା | ୧୭୦ ଗ୍ରାମ୍ |

# ନୂଆବର୍ଷରେ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନିକ ବ୍ୟବସ୍ଥା

**ପୁରୀ,୩୦।୧୨(ଅଜିତ୍ ମହାନ୍ତି):**

ଇଂରାଜୀ ନବ ବର୍ଷ-୨୦୨୪କୁ ସ୍ୱାଗତ ପାଇଁ ସମସ୍ତଙ୍କ ମଧ୍ୟରେ ଏକ ପ୍ରକାର ନୂଆ ଆଶା ଓ ଉଦ୍ଦୀପନା ଦେଖିବାକୁ ମିଳିଲାଣି। ନୂଆବର୍ଷକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ସୁବିଧା ପାଇଁ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନୂଆବର୍ଷରେ ଭକ୍ତମାନେ ନୂତନ ଭାବରେ ନିର୍ମାଣ କରାଯାଉଥିବା ଏସି ଶେଡରେ ଦେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ପୁରୀରେ ୯୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯିବା ସହ ନିରାପଦ ସମୁଦ୍ର ସ୍ନାନ, ଟ୍ରାଫିକ, ଗାଡ଼ି ପାର୍କିଂ ଓ ହୋଟେଲରେ ଭକ୍ତମାନଙ୍କ ସୁବିଧା ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି। ନୂଆବର୍ଷରେ ମହାପ୍ରଭୁଙ୍କ ନୀତିକ୍ରାନ୍ତି ଉପରେ କୌଣସି କମ୍ପରମାଇଜ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ କହିଛନ୍ତି। ୩୧ ତାରିଖ ତାରିରେ ମହାପ୍ରଭୁଙ୍କ ରାତ୍ର ପହୁଡ କରାଯିବା ସହିତ ରାତ୍ର ସାଢ଼େ ଗୋଟେରେ ପହଡ଼ ଖୋଲିବାକୁ ଚେଷ୍ଟା କରାଯିବ ବୋଲି ଦାସ କହିଛନ୍ତି। ସେହିପରି ନୂଆବର୍ଷ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ ଶନିବାର ସମସ୍ତ ବ୍ୟବସ୍ଥା ସମୀକ୍ଷା କରିବା ସହ ଖବରଦାତା ସମ୍ମିଳନୀରେ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ସେବାୟତମାନଙ୍କ ସହଯୋଗରେ ଭକ୍ତମାନେ ନୂଆ ଅନୁଭୂତିରେ ଶ୍ରୀଜୀଉଙ୍କ ଦର୍ଶନ କରିବେ। ପୋଲିସ ପ୍ରଶାସନ ପକ୍ଷରୁ ପାଖାପାଖି ବିଭିନ୍ନ ବିଭାଗର ୯୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଦୁଇଜଣ କମାଣ୍ଡ ର୍ୟାଙ୍କର ଅଫିସର ନିୟୋଜିତ ରହିବେ। ସେହିପରି ୧୧ ଜଣ ଅତିରିକ୍ତ ଏସ୍‌ପି , ୩୪ ଜଣ ଡିଏସ୍‌ପି, ୫୪ ଜଣ ଇନ୍ସପେକ୍ଟର, ୨୨୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୩୧ ଜଣ ହାବିଲଦାର, ୪୨ ଜଣ କନଷ୍ଟେବଳ, ହୋମ୍‌ଗାର୍ଡ ଓ ଲାଇଫ୍‌ଗାର୍ଡ ୭୦୨ ଜଣଙ୍କୁ ନିୟୋଜିତ କରାଯାଉଛି। ଭକ୍ତମାନଙ୍କୁ ଶୃଙ୍ଖଳିତ ଦର୍ଶନ ଉପରେ ଗୁରତ୍ୱ ଦେବାକୁ ସମସ୍ତଙ୍କ କୁହାଯାଇଛି।


ଖବରଦାତା ସମ୍ମିଳନୀରେ ଆଇଜି ଆଶିଷ ସିଂ ଏବଂ ଏସ୍‌ପି କେ.ବି. ସିଂ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହିରାବେନ୍‌ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ବେଳାଭୂମିରେ ପ୍ରସ୍ତୁତ ବାଲୁକା କଳା।

## ପଶୁପତିନାଥ ମନ୍ଦିରରେ ପହଞ୍ଚିଲା ନିମନ୍ତ୍ରଣ

**ପୁରୀ,୩୦।୧୨(ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ତାରିଖରେ ଅନୁଷ୍ଠିତ ହେବାକୁଯାଉଛି। ଏହିଭବ୍ୟ ଲୋକାର୍ପଣରେ ସାମିଲ ହେବା ପାଇଁ ରାଜ୍ୟର ସମସ୍ତ ଜିଲାର ପ୍ରମୁଖ ମନ୍ଦିର, ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ମନ୍ଦିର ଓ ଦେଶ ବାହାରର ବିଭିନ୍ନ ପ୍ରମୁଖ ମନ୍ଦିରଗୁଡ଼ିକର ମୁଖ୍ୟଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି। ଏହି କ୍ରମରେ ଶନିବାର ନେପାଳ କାଠମାଣ୍ଡୁର ପଶୁପତିନାଥ ଓ ଗୁହ୍ୟେଶ୍ୱରୀ ଶକ୍ତି ପୀଠର ପ୍ରମୁଖଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଛି। ପୁରୀରୁ ଯାଇଥିବା ସେବାୟତ ଓ ବରିଷ୍ଠ ଅଧିକାରୀମାନେ ଏହି ଦୁଇ ମନ୍ଦିରରେ ପହଞ୍ଚିବା ପରେ ସେମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେବାୟତ ଓ ଅଧିକାରୀମାନେ ନିମନ୍ତ୍ରଣ ପତ୍ର ପ୍ରଦାନ କରି ଲୋକାର୍ପଣରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ସେହିପରି ପୁରୀ ଜିଲାର ଅଲାରନାଥ ଓ ବାଲି ହରଚଣ୍ଡୀ ମନ୍ଦିରର ମୁଖ୍ୟଙ୍କୁ ସେବାୟତ ଓ ଅଧିକାରୀମାନଙ୍କ ଦ୍ୱାରା ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି।

## ଉଠାଦୋକାନୀଙ୍କୁ ଥଇଥାନ ଦାବିରେ ଦାବିପତ୍ର

**ପୁରୀ,୩୦।୧୨(ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ତେଣୁ ପ୍ରଶାସନ ମରିଚିକୋଟ ଛକରୁ ମେଡିକାଲ ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଜାନୁୟାରୀ ୧୭ ପରେ ପୁନର୍ବାର ଥଇଥାନ କରାଯିବାକୁ ଦାବି କରି ଭାଜପା ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶନିବାର ସକାଳେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ପୁରୀର ବିକାଶ କାମରେ ସବୁବେଳେ ଭାଜପାର ସହଯୋଗ ରହିଛି। ବଡ଼ଦାଣ୍ଡକୁ ପୁରୀର ଲାଇଫ୍ ଲାଇନ ଭାବରେ ବିବେଚନା କରାଯାଏ। ଖାଲି ପର୍ଯ୍ୟଟକ ନୁହନ୍ତି ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ତାଙ୍କର ନିତ୍ୟ ବ୍ୟବହାର ଜିନିଷ ବଡ଼ଦାଣ୍ଡରୁ କିଣି ନେଇଥାନ୍ତି। ବଡ଼ଦାଣ୍ଡର ଅଧିକାଂଶ ଲୋକ ଉଠାଦୋକାନ କରି ଜୀବନ ନିର୍ବାହ କରିଥାନ୍ତି। ପ୍ରଶାସନ ପକ୍ଷରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯିବାପରେ ଏବେ ବଡ଼ଦାଣ୍ଡ ଶ୍ରୀହୀନ ପରି ପ୍ରତ୍ୟୟମାନ ହେଉଛି। ପୁରୀବାସୀଙ୍କୁ ଚା' ଓ ଟିଫିନ୍ ଖାଇବା ପାଇଁ ଦୁଇ କି.ମି. ଦୂରକୁ ଯିବାକୁ ପଡୁଛି। ମାର୍କେଟ ଛକଠାରେ ଉଚ୍ଛେଦ ହେବାଫଳରେ ଲୋକମାନେ ପରିବା ପାଇଁ ଦୂରକୁ ଯାଉଛନ୍ତି। ଫଳରେ ସହରବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତେବେ ନୂଆବର୍ଷ ଓ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଥିବାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପୁରୀରେ ଲୋକମାନଙ୍କ ଗହଳି ରହିବ। ତେଣୁ ୧୮ ତାରିଖ ପରେ ମରିଚିକୋଟ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ସମସ୍ତ ଦୋକାନୀମାନଙ୍କୁ ଶୃଙ୍ଖଳିତ ଭାବରେ ଥଇଥାନ କରାଯାଉ। ଯଦି ପ୍ରଶାସନ ଦୋକାନୀମାନଙ୍କୁ ଥଇଥାନ ନ କରେ ତେବେ ୧୮ତାରିଖରେ ଉଠା ଦୋକାନୀମାନଙ୍କୁ ନେଇ ଭାଜପା ଆନ୍ଦୋଳନକୁ ଓହ୍ଲାଇବା ସହ ଧାରଣାରେ ବସିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ଏହି ଅବସରରେ ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ସିଂହଦ୍ୱାର ମଣ୍ଡଳ ସଭାପତି ରବି ଦାଶ, ଶରଧାବାଲି ମଣ୍ଡଳର ସାଧାରଣ ସମ୍ପାଦକ ସଂଗ୍ରାମ କାନୁନ୍‌ଗୋ, ଦଣ୍ଡପାଣି ରାହୁଳ, ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଶିବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା ନେଇ ୫-ଟି ଅଧ୍ୟକ୍ଷଙ୍କୁ ଦାବିପତ୍ର

**ପୁରୀ, ୩୦।୧୨( ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଉଦ୍‌ଘାଟନ ଅବସରରେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଉ ବୋଲି ଦାବିକରି ଅଭିନନ୍ଦନିକା ପକ୍ଷରୁ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଏକ ଦାବିପତ୍ର ଶନିବାର ପ୍ରଦାନ କରାଯାଇଛି। ଆସନ୍ତା ୧୭ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ହେବାକୁ ଯାଉଛି। ତେଣୁ ଏହି ଅବସରରେ ଶ୍ରୀକ୍ଷେତ୍ର ପୁରୀର ପ୍ରମୁଖ ମଣିଷଗଢ଼ା କାରଖାନା ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। କେବଳ ଶ୍ରୀମନ୍ଦିରର ଉନ୍ନତୀକରଣ କରି ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବା ବଦଳରେ ଏହି ପ୍ରକଳ୍ପ ଯୋଗୁଁ କ୍ଷତିଗ୍ରସ୍ତ ପରିବାର ପିଲାଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଐତିହ୍ୟପୂର୍ଣ୍ଣ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ରୂପେ ମାନ୍ୟତା ପ୍ରଦାନ କରିବାକୁ ଅନୁଷ୍ଠାନର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ମନେଇଁ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

**ବ୍ରହ୍ମଗିରି,୩୦।୧୨(ସ୍ୱାଧୀନ ଚମ୍ପତିରାୟ):**

ବ୍ରହ୍ମଗିରି ବ୍ଲକ ଅଧୀନ କାଣ୍ଡଗୋଦାସ୍ଥିତ ମନେଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁକାନ୍ତ ନାୟକ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବିପିନ ବିହାରୀ ମିଶ୍ର, ଅଶୋକ ସାହୁ, ରଘୁନାଥ ଦଳାଇ, ଯୋଗଦେଇଥିଲେ।

### ୫-ଟି ଅଧ୍ୟକ୍ଷଙ୍କୁ ଜିଲା କଂଗ୍ରେସର ବିରୋଧ

**ପୁରୀ,୩୦।୧୨(ଅଜିତ୍ ମହାନ୍ତି):**

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ଭୋର ସମୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବାକୁ ପୁରୀ ଗସ୍ତରେ ଆସିଥିବା ସମୟରେ ଜିଲା କଂଗ୍ରେସ ପକ୍ଷରୁ କଳା ପତାକା ପ୍ରଦର୍ଶନ କରାଯାଇ ବିରୋଧ କରାଯାଇଛି। ଜିଲା କଂଗ୍ରେସ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ଶ୍ରୀମନ୍ଦିର ସମ୍ମୁଖରେ ପୃଥକ୍ ପୃଥକ୍ ଭାବେ ୩ଟି ସ୍ଥାନରେ ପାଣ୍ଡିଆନଙ୍କୁ ବିରୋଧ କରାଯାଇ ଥିଲା। ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ସମସ୍ତ ଉଠା ଦୋକାନୀ ଭାଇମାନଙ୍କୁ ବଡ଼ ଦାଣ୍ଡରେ ଭେଣ୍ଡିଂ ଜୋନ୍ କରି ବସାଇବା, ସୌନ୍ଦର୍ଯ୍ୟକରଣ ନାମରେ ଐତିହ୍ୟସମ୍ପନ୍ନ ମଠ ମନ୍ଦିରକୁ ମାଟିରେ ମିଶାଇବା ଓ ଜଣେ ଗୋମାଂସ ଭକ୍ଷଣ ଓ ପ୍ରଚାର ପ୍ରସାରକାରୀ ୟୁଟ୍ୟୁବର କାମିଆ ଜାନିଙ୍କୁ ଶ୍ରୀମନ୍ଦିର ପ୍ରଚାର ପ୍ରସାର ନାମରେ ମନ୍ଦିର ଭିତରକୁ ନେବା ଓ ମହାପ୍ରସାଦ ସେବନ କରାଇବା ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ପାଣ୍ଡିଆନଙ୍କ ବିରୋଧରେ କଳାପତାକା ପ୍ରଦର୍ଶନ କରାଯାଇଥିଲା। ଏପରି କି ପାଣ୍ଡିଆନ୍ ଗୋବ୍ୟାକ୍‌ନାରା ଦିଆଯାଇଥିଲା। କଂଗ୍ରେସ ନେତା ସୁଜିତ୍ ମହାପାତ୍ର, ଜିଲା ମୁଖପାତ୍ର ସ୍ୱାଧୀନ ପଣ୍ଡା, ନଗର ସଭାପତି (ଖ) ଅମରେନ୍ଦ୍ର ପାଇକରାୟ, ଜିଲା ସମ୍ପାଦକ ରଜତ ସାହୁ, ଚେତନ ମିଶ୍ର, ଆଦର୍ଶ ମିଶ୍ର, ମନୋଜ ବେହେରା ଆଦି ପାଣ୍ଡିଆନ୍‌ଙ୍କୁ ବିରୋଧ କରି କଳାପତାକା ପ୍ରଦର୍ଶନ କରିଥିଲେ। ତେବେ ପୋଲିସ ବିକ୍ଷୋଭ ପ୍ରଦର୍ଶନ କରୁଥିବା କଂଗ୍ରେସ କର୍ମୀ ଓ ନେତାମାନଙ୍କୁ ଘଟଣା ସ୍ଥଳରୁ ଉଠାଇ ନେଇ ତାଳବଣିଆ ଥାନାରେ ଅଟକ ରଖିଥିଲା। ପରେ ଅପରାହ୍ନ ୧ଟା ୩୦ମିନିଟରେ ଥାନାରୁ ଅଟକ କର୍ମୀଙ୍କୁ ଛାଡ଼ିଥିଲା।

## ନୂଆ-ଓ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶର ଅଭିନବ ପ୍ରୟାସ

**ସାକ୍ଷୀଗୋପାଳ,୩୦।୧୨(ଭରତ ରାଉତ)**

ସାକ୍ଷୀଗୋପାଳ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇ ଯାଇଛି। ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ, ପ୍ରଦୀପ ପ୍ରଜ୍ୱଳନ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ସଭାପତି ସୁନୀଲ ପଣ୍ଡା, ପରିଚାଳନା କମିଟି ଅଧ୍ୟକ୍ଷ ଡ. ପ୍ରଭାତ ମିଶ୍ର, ସତ୍ୟବାଦୀ ବିଡିଓ ଲିପ୍ସା ରାୟ ତଥା ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ରାଜକିଶୋର ପତି ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଦୀର୍ଘଦିନ ଧରି ଚାଲିଥିବା ବିଭିନ୍ନ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଆୟୋଜିତ ଏହି ନୂଆ-ଓ କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ବୋଲି ଅତିଥି କହିଥିଲେ। ଅତିରିକ୍ତ ଶ୍ରେଣୀଗୃହ ପାଇଁ ବିଧାୟକ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିବାକୁ ସାମନ୍ତରାୟ ପ୍ରତିଶ୍ରୁତି ଦେଇଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଯୁକ୍ତ ୩ ନୋଡାଲ ଅଫିସର ପ୍ରଫେସର ତ୍ରିପାଠୀ ଯୁକ୍ତ ୨ ଓ ଯୁକ୍ତ ୩ ନୂଆ-ଓ କାର୍ଯ୍ୟକ୍ରମର ସମସ୍ତ ବିବରଣୀ ମଞ୍ଚରେ ପାଠ କରିଥିଲେ। ପୁରସ୍କାର ବିତରଣରେ ଅଧ୍ୟାପକ ବିଶ୍ୱନାଥ ଚୁହାଣ, ଅମରନାଥ ପାଲ, ସାର୍ଥକ ମିଶ୍ର ତଥା ମନୋଜ ମହାକୁଡ଼ ସହଯୋଗ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

## ନୀଳାଚଳ ଫୁଟ୍‌ବଲ କ୍ଲବ ପୁରୀ ଚାମ୍ପିୟନ

**ବଳଙ୍ଗା,୩୦।୧୨(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ଲଙ୍କେଶ୍ୱରୀ ଫୁଟ୍‌ବଲ କ୍ଲବ ପକ୍ଷରୁ ୨୨ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଲଙ୍କେଶ୍ୱରୀ ସ୍ପୋର୍ଟସ୍ କ୍ଲବ ବଳଙ୍ଗାକୁ ହରାଇ ନୀଳାଚଳ କ୍ଲବ ପୁରୀ ଚାମ୍ପିୟନ ହୋଇଛି। କ୍ଲବ ସମ୍ପାଦକ ରଶ୍ମିରଞ୍ଜନ ସାହୁ, ପ୍ରଦୀପ୍ତ ଘଡ଼େଇ, ତୋଫାନ ପ୍ରଧାନ, ରଜନୀକାନ୍ତ ଶତପଥୀ, ଲଙ୍କେଶ୍ୱରୀ କ୍ଲବର ସମସ୍ତ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମୀର ରଞ୍ଜନ ଦାଶ, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଜେତା ଦଳକୁ ୧୫ ହଜାର ଟଙ୍କା ଓ ଟ୍ରଫିପ୍ରଦାନ କରାଯାଇଥିଲା।

## ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁକ୍ରୀଡ଼ା ଦିବସ


ଦୌଡ ପ୍ରତିଯୋଗିତାରେର ଭାଗ ନେଇଥିବା ଛୋଟପିଲା।

**ପୁରୀ,୩୦।୧୨(ଅଜିତ୍ ମହାନ୍ତି):**

ପୁରୀ ଶ୍ରୀକ୍ଷେତ୍ର କଲୋନୀ ଅଙ୍ଗନୱାଡ଼ି କେନ୍ଦ୍ରରେ କୁନି କୁନି ଶିଶୁମାନଙ୍କୁ ନେଇ ଏକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ାଉତ୍ସବକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଞ୍ଜୁକ୍ତା କାନୁନ୍‌ଗୋ ଓ ସୁପରଭାଇଜର ସ୍ୱପ୍ନାରାଣୀ ବେହେରା ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ କାଉନ୍‌ସିଲର ମାନସ କୁମାର ଲେଙ୍କା ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁମାନେ ଦୌଡ଼, ବେଙ୍ଗଡିଆଁ, ଚକୋଲେଟ ସଂଗ୍ରହ ବକେଟ ବଲ୍ ଆଦି ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଶିଶୁମାନଙ୍କ ମା'ମାନଙ୍କ ମଧ୍ୟରେ ଛୁଞ୍ଚି ସୂତା ଓ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜିରୋ ନାଇଟରେ ନୂଆବର୍ଷକୁ ସ୍ୱାଗତ ପାଇଁ ପ୍ରସ୍ତୁତି

**ପୁରୀ,୩୦।୧୨(ଅଜିତ ମହାନ୍ତି):**

ନୂତନ ବର୍ଷକୁ ସ୍ୱାଗତ କରିବାକୁ ଏବେ ଉତ୍ସବମୁଖର ହୋଇଉଠିଲାଣି ଶ୍ରୀକ୍ଷେତ୍ର। ବେଳାଭୂମିରେ ନୂତନ ବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀରେ ଏବେଠାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଲାଣି। ଅନ୍ୟପଟେ ନୂଆବର୍ଷରେ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ସହରରେ ଥିବା ବିଭିନ୍ନ ହୋଟେଲରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କୁ ନେଇ ସନ୍ଧ୍ୟାରୁ ସେଲିବ୍ରେଶନ ଆରମ୍ଭ ହୋଇ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ଏଥିସହ ପୁରୀର ୱାଟର ପାର୍କଗୁଡ଼ିକରେ ମଧ୍ୟ ଏହାର ପ୍ରସ୍ତୁତି କରାଯାଉଛି। ଟିକେଟ୍‌ର ଦାମ୍ ୭ ଶହରୁ ଆରମ୍ଭକରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିସହ କପଲଙ୍କ ପାଇଁ ଟିକେଟ୍ ମୂଲ୍ୟ ୫୯୯୯ ଟଙ୍କା ରହିଛି।

## ରାମେଶ୍ୱରକୁ ହରାଇ ଜୁଭେନାଇଲ ଫାଇନାଲରେ

**କାକଟପୁର,୩୦।୧୨(ଶୁଭଦର୍ଶନ ମିଶ୍ର)**

କାକଟପୁର ମିନି ଷ୍ଟାଡିୟମରେ ଚାଲିଥିବା ୩୪ତମ ମଙ୍ଗଳା କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଶନିବାର ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱରକୁ ହରାଇ ଜୁଭେନାଇଲ ସ୍ପୋର୍ଟିଂ କଟକ ଫାଇନାଲରେ ପ୍ରବେଶ କରିଛି। ଜୁଭେନାଇଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୨୧୦ ରନ୍ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ବ୍ୟକ୍ତିଗତ ୮୪ ରନ୍ ଏବଂ ସୁରଜ ମହାରଣା ୪୨ ରନ୍ ସଂଗ୍ରହ କରିଥିଲେ। ବିପକ୍ଷରେ ରାମେଶ୍ୱର ସ୍ପୋର୍ଟିଂ ୮ ଉଇକେଟ ହରାଇ ୧୯୨ ରନ୍ କରି ପରାଜିୟ ହୋଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୩ ଉଇକେଟ ଅକ୍ତିଆର କରିଥିଲେ। ସୂର୍ଯ୍ୟାଂଶ କୁମାର ୬୯ ରନ୍ କରିଥିଲେ। ଜୁଭେନାଇଲର ଖେଳାଳି ବେହେରା ୩ ଉଇକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଅତିଥି ଭାବେ ମଙ୍ଗଳା କ୍ଲବ ଉପଦେଷ୍ଟା ହିମାଂଶୁ ଭୂଷଣ ଦୀକ୍ଷିତ, ସାମାଜିକ କର୍ମୀ ତଥା ଯୁବ ଖବରଦାତା ଆଦିତ୍ୟ ରାଉତ ଏବଂ ବ୍ରାଣ୍ଡ ଫ୍ୟାକ୍ଟୋରିର ସତ୍ତ୍ୱାଧିକାରୀ ପ୍ୟାର ମହମ୍ମଦ ଯୋଗ ଦେଇ ଶ୍ରେଷ୍ଠ ଖେଳାଳି ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନର ୨ ସ୍ୱୀକୃତି ପ୍ରାପ୍ତ ଅମ୍ପାୟର ନିର୍ମଳ ମିଶ୍ର ଏବଂ ଅୟେଶକାନ୍ତ ମିଶ୍ର ପରିଚାଳନା କରିଥିଲେ। ଆସନ୍ତା ୭ ତାରିଖ ରବିବାର ୟୁନିକ୍ ଇଲେଭେନ୍, ଭଦ୍ରକ ଏବଂ ଜୁଭେନାଇଲ ସ୍ପୋର୍ଟିଂ, କଟକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ ଦୀକ୍ଷିତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସହସମ୍ପାଦକ ସଞ୍ଜୟ ସାମଲ, ଚନ୍ଦ୍ରକାନ୍ତ ଦୀକ୍ଷିତ, ସୁଶାନ୍ତ ଦାଶ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ଆତ୍ମନିର୍ଭରଶୀଳ ଭାରତ ଗଠନରେ କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କୋଣାର୍କ,୩୦।୧୨(ଜ୍ୟୋତିରାଜ ମହାନ୍ତି)**

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଶନିବାର କୋଣାର୍କ ଥାନା ଅଧୀନ ଅବଦାନ ଗ୍ରାମପଞ୍ଚାୟତ ଓ କୁରୁଜଙ୍ଗ ଗ୍ରାମପଞ୍ଚାୟତର ୩ ଗୋଟି ସ୍ଥାନରେ ପହଞ୍ଚିଥିଲେ। ସେଠାରେ କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣର ସ୍ଥିତିକୁ ନେଇ ସମୀକ୍ଷା, ଏହାର ସଫଳ ରୂପାୟନ ଓ ଏହାର ସଫଳ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଛନ୍ତି। ନିକଟ ସୁଆର, କୋତାଙ୍ଗ ଓ ଆରୁହାଁ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ କୃଷକ ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗଦେଇ ଆତ୍ମନିର୍ଭରଶୀଳ ଭାରତ ଗଠନରେ କୃଷକଙ୍କ ଅବଦାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହାପରେ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମପଞ୍ଚାୟତର ଐଶାଣେଶ୍ୱର ପୀଠରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରରେ କୁରୁଜଙ୍ଗ ମହିଳା ମହାସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ରାଜ୍ୟପାଳ ଐଶାଣେଶ୍ୱର ମହାଦେବଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ବଜାର ଚାହିଦା ମୁତାବକ ଉତ୍ପାଦ ସହ ମାର୍କେଟିଂ ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ରାଜ୍ୟପାଳ କୁରୁଜଙ୍ଗ ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପରାମର୍ଶ ଦେଇଛନ୍ତି। ଗ୍ରାମପଞ୍ଚାୟତର କୁଞ୍ଜ ଗ୍ରାମ ପରିଦର୍ଶନରେ ଯାଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ପକ୍ଷରୁ ନିର୍ମିତ ଗୃହ ବୁଲି ଦେଖିଥିଲେ। ଠିକ୍ ଭାବେ ଗୃହ ନିର୍ମାଣ ନ ହେବା ଓ ତରବରିଆ ଭାବେ ଆବାସ ଯୋଜନାର ଲୋଗୋ ନ ଥାଇ ପୁରୁଣା ଗୃହକୁ ନୂଆ ଗୃହ ଭାବେ ଦର୍ଶାଯାଇଥିବା ଦେଖି ରାଜ୍ୟପାଳ ବିରକ୍ତି ହୋଇଥିଲେ। ଉପସ୍ଥିତ ପୁରୀ ଜିଲା ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ଶରତ ଚନ୍ଦ୍ର ମହାପାତ୍ର, କାକଟପୁର ବ୍ଲକ ବିଡିଓ ଡ. ତୁଷାର ଜ୍ୟୋତିରଞ୍ଜନ ଓ କୁରୁଜଙ୍ଗ ସରପଞ୍ଚ ପ୍ରମୁଖଙ୍କ ଉପରେ ବିରକ୍ତି ଭାବ ପ୍ରକାଶ କରି ଭବିଷ୍ୟତରେ ଏଭଳି ଭୁଲ୍ ନ ହେବାକୁ ତାଗିଦା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ପଟ୍ଟନାୟକ, କାକଟପୁର ବିଡିଓ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ପିପିଲି ଏସ୍‌ଡିପିଓ ବିଷ୍ଣୁପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ କୋଣାର୍କ ଓ ରାମଚଣ୍ଡୀ ଥାନା ଅଧିକାରୀଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।


ରାଜ୍ୟପାଳ ରଘୁବର ଦାସ କୋଣାର୍କଠାରେ ଏକ ସଭାରେ ଅଭିଭାଷଣ ଦେଉଛନ୍ତି।

**ଝୁଲନ୍ତା ମୃତଦେହ ଜବତ**

ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର): ସାଲେପୁର ଥାନା ଅଧୀନ କେନ୍ଦୁପାଟଣା ଛକ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେଠାରେ ଫ୍ଲେକ୍ସ ଲାଗିବା ପାଇଁ ଥିବା ବାଉଁଶରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବରଦେଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଖବର ଲେଖା ହେବା ବେଳକୁ ଯୁବକଙ୍କ ପରିଚୟ ମିଳିପାରି ନ ଥିଲା।



## ସଂକ୍ଷେପରେ

### ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତୁ

କଟକ ସଦର,୩୦।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀସ୍ଥିତ ଇଲାଇଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭିସୁଟ ବୁର୍ଲାର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ବୀରକିଶୋର ସରାପ, ସମ୍ମାନିତ ଅତିଥି ଭାବେ ମିଜୋରାମ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହିମାଂଶୁ ଭୂଷଣ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରଫେସର ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ପ୍ରଫେସର ଡ. ଶୁଭେନ୍ଦୁ ପତି, ଅଧ୍ୟକ୍ଷ ନୌଶଦ କୁମାର ନାୟକ, ନିର୍ଦ୍ଦେଶକ ସୁଦୀପ୍ତ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାସନିକ ଅଧିକାରୀ ସୁବ୍ରତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଚଳିତବର୍ଷ ବିଦ୍ୟାଳୟରେ ସର୍ବାଧିକ ମାର୍କ ରଖିଥିବା ଅମ୍ରାନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ପାଇ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଛାତ୍ରୀ ସୌମ୍ୟା ସେଫାଳିକା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ**

କଟକ,୩୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ୨୧ ନମ୍ବର ୱାର୍ଡ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ରାଜେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ଯୋଗଦେଇ ୱାର୍ଡରେ ଥିବା ମୌଳିକ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୧ ନମ୍ବର ୱାର୍ଡ ସଭାପତି ଭାବେ ବଳରାମ ସିଂଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ସାହୁ, ବିକାଶ ଖୁଣ୍ଟିଆ, ସନ୍ତୋଷ ଚାଟାର୍ଜୀ, ରାଜେନ୍ଦ୍ର ମହାନ୍ତି, ମଞ୍ଜୁଶ୍ରୀ ଜେନା ଉପସ୍ଥିତ ଥିଲେ। ସେହିପରି ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ୩୧ ନମ୍ବର ୱାର୍ଡ କଂଗ୍ରେସ କମିଟିର ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ନେତା ଅଶୋକ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ଯୋଗଦେଇଥିଲେ। ଏଥିରେ ୩୧ନଂ. ୱାର୍ଡ ସଭାପତି ଭାବେ ସୂର୍ଯ୍ୟକାନ୍ତ ଲେଙ୍କାଙ୍କୁ ଚୟନ କରାଯାଇଥିଲା। ବୈଠକରେ ବିକାଶ ରାଉତ, ସୌମ୍ୟରଞ୍ଜନ ରାଉତ, ସୌମ୍ୟରଞ୍ଜନ ଓଝା, କାଶୀନାଥ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସାମୂହିକ ଶୌଚାଳୟରେ ତାଲା

ମଙ୍ଗୁଳି-ଜଗତପୁର,୩୦।୧୨(ମାନସ ସାମଲ)



**■ପୌର ପ୍ରଶାସନକୁ ଦାୟୀ କଲା ଶୌଚାଳୟ କମିଟି**

**■ଦାୟିତ୍ୱ ନ ନେଲେ ଆନ୍ଦୋଳନ ଚେତାବନୀ**

ଚୌଦ୍ୱାର ପୌରପାଳିକା ଅଧୀନ ୮ ନମ୍ବର ୱାର୍ଡର ଓଟିଏମ୍ ଦୁର୍ଗାବଜାର ସାହିରେ ପ୍ରାୟ ୨୦୦ ପରିବାର ବାସ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ଜାଗା ଅଭାବରୁ ୪୦ ପରିବାର ଘରେ ପାଇଖାନା କରିବାରୁ ବଞ୍ଚିତ ହୋଇଥିଲେ। ସେମାନଙ୍କ ଦୈନିକ ନିତ୍ୟକର୍ମ ପାଇଁ ଏକ ଏନ୍‌ଜିଓ ସଂସ୍ଥା ପକ୍ଷରୁ ସ୍ଥାନୀୟ ଏକ କମ୍ପାନୀ ଗେଟ୍ ସମ୍ମୁଖ ପଡିଆରେ ଗୋଟିଏ ସାମୂହିକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହାର ପରିଚାଳନା ପାଇଁ ଉକ୍ତ ସଂସ୍ଥା ପକ୍ଷରୁ ସ୍ଥାନୀୟ ଦୁର୍ଗାବଜାର ଶୌଚାଳୟ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ୨୦୧୮ ଅଗଷ୍ଟ ୨ ତାରିଖରେ ଏହାକୁ ତତ୍କାଳୀନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଚୌଦ୍ୱାର ପୌରପାଳିକାକୁ ଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ପୌରପାଳିକା ପକ୍ଷରୁ ଟ୍ୟାଙ୍କର ଯୋଗେ ଟାଙ୍କି ସଫା କରାଯାଇ ନ ଥିଲା। ଫଳରେ ଟାଙ୍କି ଜାମ୍ ହେବାରୁ ଉଦ୍‌ବୃତ୍ତ ମଇଳା ଶୌଚାଳୟ ଭିତରେ ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହା ଏବେ ଲୋକଙ୍କ ବ୍ୟବହାରରେ ଲାଗିପାରୁ ନାହିଁ। ଏ ସମ୍ପର୍କରେ ପୌର ପ୍ରଶାସନକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନି। ଫଳରେ ୭ ଦିନ ହେବ କମିଟି ପକ୍ଷରୁ ଏହାକୁ ତାଲା ପକାଇ ରଖାଯାଇଛି ବୋଲି କମିଟି ସଭାପତି ମାନସ କୁମାର ସାମଲ କହିଛନ୍ତି। ଲଜ୍ୟାରୁ ବଞ୍ଚିବା ପାଇଁ ସକାଳ ହେବା ପୂର୍ବରୁ ସାହିର ଯୁବତୀ ଓ ମହିଳା ପଡିଆରେ ଶୌଚ ହେବା ସହ ଖୋଲା ସ୍ଥାନରେ ଥିବା ନଳକୂପରେ ଗାଧୋଇବାକୁ ବାଧ୍ୟ ହେଉଛନ୍ତି ବୋଲି କମିଟି ସଦସ୍ୟା ସବିତା ବେହେରା କହିଛନ୍ତି। ସଫେଇ କର୍ମଚାରୀ ୬୦୦ ଟଙ୍କା ନେଲେ ଲାଟ୍ରିନ ସଫା କରିବେ ନଚେତ କରିବେ ନାହିଁ ବୋଲି କହୁଥିବା କମିଟି ସଦସ୍ୟ ଧଡିଆ ବାରିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ କହିଛନ୍ତି, ପୌରପାଳିକାରେ ମଇଳା କାଢିବା ପାଇଁ ଥିବା ଗାଡିଟି ବର୍ଷେ ହେବ ଖରାପ ଅଛି। ଏହାକୁ ସଜାଡିବା ପାଇଁ ୧୫ଦିନରୁ ଅଧିକ ଲାଗିପାରେ। ଏବେ ଆମେ କିଛି ସହଯୋଗ କରିପାରିବୁନାହିଁ। ଯଦି ପାରୁଛ ଘରୋଇ ଗାଡି ଆଣି ମଇଳା ଉଠାନ୍ତୁ ବୋଲି ସେ କହିଛନ୍ତି। ଘରୋଇ ମଇଳା ସଫା ଗାଡି ଡାକିଲେ ୧୫,୦୦୦ ଟଙ୍କାରୁ ଅଧିକ ଟଙ୍କା ଲାଗିପାରେ। ଏତେ ଟଙ୍କା କମିଟି ପାଖରେ ନାହିଁ। ପୌର ପ୍ରଶାସନ ନିଜ ଦାୟିତ୍ୱ ବହନ କରୁ ନଚେତ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କମିଟି ସମ୍ପାଦକ ଇସ୍ପା ରଞ୍ଜିତ କୁମାର, ଉପଦେଷ୍ଟା ଭଗବାନ ବିଶ୍ୱାଳ, କ୍ରିଷ୍ଣା ରାଓ, ସବିତା ସ୍ୱାଇଁ, ତୁଳସା ରେଡ୍ଡୀ ଚେତାବନୀ ଦେଇଛନ୍ତି।

## ଭେଣ୍ଡିଂ ଜୋନ୍ ଦାବିରେ ଧାରଣା

କଟକ,୩୦।୧୨(କାର୍ତ୍ତିକ ସାହୁ)

ବାଦାମବାଡ଼ିରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ଭେଣ୍ଡିଂ ଜୋନ୍ ଜରିଆରେ ସେମାନଙ୍କ ଥଇଥାନ ଦାବି କରି ନେତାଜୀ ବସ୍ ଟର୍ମିନାଲ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଛନ୍ତି। ବାଦାମବାଡ଼ିରେ ଉଠାଦୋକାନୀମାନେ ଦୀର୍ଘବର୍ଷ ଧରି ବ୍ୟବସାୟ କରିଆସୁଥିଲେ। ସରକାର ବାଦାମବାଡ଼ିରୁ ବସ୍‌ଷ୍ଟାଣ୍ଡ ଖାନ୍‌ନଗରକୁ ସ୍ଥାନାନ୍ତର କରି ନେତାଜୀ ବସ୍ ଟର୍ମିନାଲ କରିବା ପରେ ଉଠାଦୋକାନୀମାନେ ଏବେ ଜୀବିକା ହରାଇଛନ୍ତି। ରାସ୍ତା ପ୍ରଶସ୍ତୀକରଣ ପାଇଁ ବହୁ ସଂଖ୍ୟକ ଉଠାଦୋକାନୀଙ୍କୁ ବାଦାମବାଡ଼ି ରାସ୍ତାର ଉଭୟ ପାର୍ଶ୍ୱରୁ ପୋଲିସ ଓ ନିଗମ ପକ୍ଷରୁ ଉଚ୍ଛେଦ କରାଯାଇଛି। ହେଲେ ଅଦ୍ୟାବଧି କୌଣସି ଭେଣ୍ଡିଂ ଜୋନ୍ କରି ସରକାର ସେମାନଙ୍କୁ ଥଇଥାନ କଲେ ନାହିଁ। ଏହାଦ୍ୱାରା ସରକାର ଆଇନ୍ ଉଲ୍ଲଂଘନ କରିବା ସହ ଉଠାଦୋକାନୀଙ୍କୁ ଥଇଥାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିନାହାନ୍ତି। ପୁଣି ଥରେ ସର୍ଭେ କରି ତୁରନ୍ତ ଭେଣ୍ଡିଂ ଜୋନ ଦ୍ୱାରା ଥଇଥାନ, ଜୀବିକା ହରାଇ ଋଣ ପରିଶୋଧ କରିପାରୁ ନ ଥିବା ଦୋକାନୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ। ସେହିପରି ଟାଉନ୍ ଭେଣ୍ଡିଂ କମିଟିର ପୁନର୍ଗଠନ ସହ ବୈଠକ ପାଇଁ ନିଷ୍ପତ୍ତି ନିଆଯିବାକୁ ଦାବି କରାଯାଇଛି। ମହେଶ୍ୱର ବଳ, ସ୍ୱୟଂପ୍ରଭା ସାହୁ, ଅମରେନ୍ଦୁ ମହାନ୍ତି, ଅକ୍ଷୟ କୁମାର ସାହୁ, ନିତ୍ୟାନନ୍ଦ ସାହୁ, ବିନୋଦ ବେହେରା, ଛବି ଖୁଣ୍ଟିଆ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ବାଲ୍ୟବିବାହ ରୋକିଲା ବ୍ଲକ ଟାସ୍କଫୋର୍ସ ଟିମ୍

ଚୌଦ୍ୱାର,୩୦।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ଶବର ସାହି ଅଞ୍ଚଳରେ ଶନିବାର ବାଲ୍ୟ ବିବାହକୁ ରୋକାଯାଇପାରିଛି। ପଶ୍ଚିମବଙ୍ଗ ମେଦିନିପୁର ଅଞ୍ଚଳର ଏକ ପରିବାର ତାଙ୍କ ନାବାଳକ ପୁଅଙ୍କ ବିବାହ ପାଇଁ ଶବର ସାହିର ଉକ୍ତ ନାବାଳିକାଙ୍କ (୧୫ବର୍ଷ)ଙ୍କ ଘରେ ପହଞ୍ଚିଥିଲେ। ବାହାଘର ଆୟୋଜନ ଚାଲିଥିବା ଖବରପାଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଟାସ୍କଫୋର୍ସ ସଦସ୍ୟ ନରୋତ୍ତମ ଦାସ କଟକ ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ପରେ ମହାନ୍ତିଙ୍କ ସହଯୋଗରେ ଅଙ୍ଗନୱାଡ଼ି ସୁପରଭାଇଜର ଆରତୀ ମହାନ୍ତି, ଅଙ୍ଗନୱାଡି କର୍ମୀ କବିତା ବେହେରା, ଆଶାକର୍ମୀ ଚଞ୍ଚଳା ଦେହୁରୀ, ଚିନ୍ମୟ ବେହେରା ଓ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଘଟଣାସ୍ଥଳରେ ପହଞ୍ଚି ବିବାହକୁ ରୋକିଥିଲେ। ଏଭଳି କାର୍ଯ୍ୟରୁ ଉଭୟ ପରିବାର ନିବୃତ୍ତ ରହିବାକୁ ସେମାନେ ପରାମର୍ଶ ଦେଇଥିଲେ। ପରେ ଉଭୟ ପରିବାର ଏକ ଲିଖିତ ଚୁକ୍ତିନାମାରେ ନିଜ ଭୁଲ୍ ସ୍ୱୀକାର କରିବା ସହିତ ବିବାହ ବନ୍ଦ କରିଥିଲେ। ଏହାପରେ ମେଦିନପୁରରୁ ଆସିଥିବା ପରିବାର ପୁଅକୁ ନେଇ ଘରକୁ ଫେରି ଯାଇଥିଲେ।

## 'ସମାଜ ପାଇଁ ଆଦର୍ଶ ବ୍ୟକ୍ତିତ୍ୱ ଆବଶ୍ୟକ'



ଓଡ଼ିଆ ଅସ୍ମିତା ସମ୍ମିଳନୀରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଅନ୍ୟ ଅତିଥିବୃନ୍ଦ।

କଟକ,୩୦।୧୨ (କାର୍ତ୍ତିକ ସାହୁ)

**ଓଡ଼ିଆ ଅସ୍ମିତା ସମ୍ମିଳନୀ ଉଦ୍‌ଘାଟିତ**

ମହାନ୍ ଦେଶ ପାଇଁ ଆଦର୍ଶ ସମାଜ ଗଠନ ଆବଶ୍ୟକ। ଆଦର୍ଶ ସମାଜ ପାଇଁ ପ୍ରଥମେ ଆଦର୍ଶ ବ୍ୟକ୍ତିତ୍ୱ ଆବଶ୍ୟକ। ଏହି ଆଦର୍ଶ ବ୍ୟକ୍ତିତ୍ୱ ତିଆରି ହେବା ପ୍ରକ୍ରିୟା ଆଧ୍ୟାତ୍ମିକ ଜ୍ଞାନ, ଜୀବନ, ସାଧନା ଓ ସଂସ୍କୃତି ମାଧ୍ୟମରେ ସାଧିତ ହୋଇପାରିବ। ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ଅବସରରେ କଟକ ସାରଳା ଭବନରେ ଆୟୋଜିତ ଦୁଇଦିନିଆ ଓଡ଼ିଆ ଅସ୍ମିତା ସମ୍ମିଳନୀକୁ ମୁଖ୍ୟ ଅତିଥି ଗଜପତି ମହାରାଜା ଦିବ୍ୟସିଂହ ଦେବ ଶନିବାର ଉଦ୍‌ଘାଟନ କରି ଏହା କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ନବଜୀବନ ସଂଘର ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ଓଡ଼ିଆ ଅସ୍ମିତା ସମ୍ମିଳନୀର ସଭାପତି ଡ. ଅଦ୍ୱୈତ୍ୟ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଦାଶ ବେନହୁରଙ୍କ ଲିଖିତ ପୁସ୍ତକ 'କୁଳତିଳକ' ଉନ୍ମୋଚିତ ହୋଇଥିଲା। ଏଥିସହ ସ୍ୱାଭିମାନରୁ ସ୍ୱାବଲମ୍ବନର ଯାତ୍ରା ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଅସ୍ମିତା ସମ୍ମିଳନୀର ଅଧ୍ୟକ୍ଷ ଡ. ଭଗବାନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ଆବାହକ ଦେବେନ୍ଦ୍ର ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଇପିଏଫ୍ ପେନ୍‌ସନଭୋଗୀଙ୍କୁ ବିଏସ୍‌କେୱାଇରେ ସାମିଲ କରାଯାଉ'

କଟକ,୩୦।୧୨(କାର୍ତ୍ତିକ ସାହୁ)

ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ରାଜ୍ୟ କମିଟି ବୈଠକ କଟକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜାତୀୟ ଉପସଭାପତି ତଥା ରାଜ୍ୟ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ନଟବର ଆଚାର୍ଯ୍ୟଙ୍କ ସମେତ କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଜଗତ୍‌ସିଂହପୁର, ଯାଜପୁର ଓ କେନ୍ଦୁଝର ଜିଲାରୁ ପ୍ରତିନିଧିମାନେ ଯୋଗଦେଇଥିଲେ। ଇପିଏଫ୍ ପେନ୍‌ସନ୍‌ଭୋଗୀ ବରିଷ୍ଠ ନାଗରିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସାମିଲ କରି ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଆସୋସିଏଶନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ରାଜ୍ୟ ସରକାର ଏହି ଯୋଜନାରେ ଗ୍ରାମାଞ୍ଚଳରେ ଥିବା ସରକାରୀ କର୍ମଚାରୀ ଏବଂ ଆୟକରଦାତାଙ୍କୁ ବାଦ ଦେଇ ଅନ୍ୟମାନଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନେଇଥିବାରୁ ସ୍ୱାଗତ କରାଯାଇଛି। ସହରାଞ୍ଚଳରେ ଥିବା ଆର୍ଥିକ ଅନଗ୍ରସର ବର୍ଗର ସ୍ୱଳ୍ପ ଇପିଏଫ ପେନସନଭୋଗୀମାନଙ୍କୁ ଏହି ଯୋଜନାରେ ସାମିଲ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିଭଳି ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ସହ ମହଙ୍ଗା ଭତ୍ତା ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ୍ ଦେବା ପାଇଁ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ନ କଲେ ଓଡ଼ିଶା ସମେତ ଦେଶରେ ଥିବା ୭୬ ଲକ୍ଷ ଇପିଏଫ୍ ପେନ୍‌ସନ୍‌ଭୋଗୀ ପରିବାର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ନିଷ୍ପତ୍ତି ନିଆଯାଇଥିବା ଭାଗ୍ୟଧର ବ୍ରହ୍ମା କହିଛନ୍ତି।

## 'ପୃଥିବୀରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ମିଳିଛି'



ତିଗିରିଆ,୩୦।୧୨(ଜାଫର ଖାଁ)

**ଅହମ୍ମଦିୟା ବାର୍ଷିକ ଜଲସାର ଦ୍ୱିତୀୟ ଦିବସ**

ପଞ୍ଜାବ ରାଜ୍ୟର କାଦିଆନଠାରେ ୧୨୮ ତମ ଅହମ୍ମଦିୟା ବାର୍ଷିକ ଜଲସାର ଦ୍ୱିତୀୟ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶାନ୍ତି ସମ୍ମିଳନୀରେ ମୁନିର ଅହମ୍ମଦ ହାଫିଜାବାଦୀ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପବିତ୍ର କୋରାନ ଓ ଉର୍ଦ୍ଦୁ କବିତା ପାଠ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ହାଇଦ୍ରାବାଦର ସଭାପତି ମୌଲାନା ହମିଦୁଲ୍ଲାଃ ହସନ ଯୋଗଦେଇ ଶହୀଦମାନଙ୍କ ବଳିଦାନ ବିଷୟରେ କହିଥିଲେ। ମୁଖ୍ୟ ବକ୍ତାଭାବେ ନୁରୁଲ ଇସ୍‌ଲାମ ବିଭାଗର ମୁଖ୍ୟ ମୌଲାନା କେ.ତାରିକ ଅହମ୍ମଦ ଯୋଗଦେଇ ବିଶ୍ୱ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପୃଥିବୀରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ମିଳିଛି। ଏହାର ଭୟାବହତା ପରିଣତିରୁ ରକ୍ଷା ପାଇବା ପାଇଁ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍ ବୋଲି କହିଥିଲେ। ଦ୍ୱିତୀୟ ବକ୍ତାଭାବେ ମୌଲାନା ମୁଜଫର ଅହମ୍ମଦ ନାସିର ବିଶ୍ୱବ୍ୟାପୀ ଅହମ୍ମଦିୟା ମୁସଲିମ ସମ୍ପ୍ରଦାୟର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୌଲାନା ତନୱିର ଅହମ୍ମଦ ଖାଦିମ ବିଶ୍ୱରେ ଅହମ୍ମଦୀୟା ମୁସ୍‌ଲିମ ସମ୍ପ୍ରଦାୟର ସେବାମୂଳକ କାର୍ଯ୍ୟକୁ ଦର୍ଶାଇଥିଲେ।

## 'ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦିଅନ୍ତୁ ଛାତ୍ରୀଛାତ୍ର'





ରଘୁନାଥଜୀଉ ସ୍ୱାତକ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କଟକ,୩୦।୧୨ (କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ୱାତକ ମହାବିଦ୍ୟାଳୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ବି. ଆର୍. ଶର୍ମା ଯୋଗଦେଇ ବୈଷୟିକ ଶିକ୍ଷା ଉପରେ ଛାତ୍ରୀଛାତ୍ର ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଦେଶମାତୃକାର ସେବାରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସାମାଜିକ କର୍ମୀ ନମ୍ରତା ଚଢ଼ା, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, କର୍ପୋରେଟର ମମତା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଧ୍ୟାପିକା ଡ. ସୁଧାମୟୀ ବେହୁରାଙ୍କ ଲିଖିତ ଦୁଇଟି ପୁସ୍ତକ 'ଏନ୍‌ଭାରନ୍‌ମେଣ୍ଟ ଷ୍ଟଡିଜ୍ ଆଣ୍ଡ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଏବଂ ବାୟୋମେଡିକାଲ ୱେଷ୍ଟ କଲେକସନ୍ ଡିସ୍‌ପୋଜାଲ ମ୍ୟାନେଜମେଣ୍ଟ ଆଣ୍ଡ୍ ଲିଗାଲ ଆସ୍‌ପେକ୍ଟସ' ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଅଧ୍ୟକ୍ଷତା କରି ଭଲ ମଣିଷ ହେବା ପାଇଁ ଚରିତ୍ର ଗଠନ ସହିତ ଗୁରୁଙ୍କୁ ସମ୍ମାନ ଦେବାକୁ କହିଥିଲେ। କ୍ରୀଡ଼ା, ସମାଜସେବା, ସାହିତ୍ୟ, ସଂସ୍କୃତି ଆଧାରିତ ପ୍ରତିଯୋଗିତାଗୁଡ଼ିକର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ନୋଡାଲ ଅଧିକାରୀ ଡ. ସରୋଜ କୁମାର ଦାଶ, କ୍ରୀଡ଼ା ନୋଡାଲ ଅଧିକାରୀ ପ୍ରିୟନାଥ ମିଶ୍ର, ସମାଜସେବା ନୋଡାଲ ଅଧିକାରୀ ନୀହାର ରଞ୍ଜନ ରଥ, ସାଂସ୍କୃତିକ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଅନିମା ମହାପ୍ରଶସ୍ତଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦନ୍ତା ହାତୀର ଗଳିତ ମୃତଦେହ ଜବତ

ବଡ଼ମ୍ବା,୩୦।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବା ରେଞ୍ଜ ଅନ୍ତର୍ଗତ ନିଜିଗଡ଼ ନିକଟରେ ଥିବା ଜଗା ବେହେରା ଥଳି ରିଜର୍ଭ ଜଙ୍ଗଲରୁ ଏକ ଦନ୍ତା ହାତୀର ଗଳିତ ମୃତଦେହ ଜବତ ହୋଇଛି। ହାତୀଟି ଆନୁମାନିକ ୫ରୁ ୬ ବର୍ଷର ହେବା ସହ ୧୦ଦିନ ହେବ ତା'ର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ତେବେ ଏକ ପଥର ଓ ଗଛ କୋରଡ଼ରେ ଛନ୍ଦି ହୋଇଯିବାରୁ ନିକଟସ୍ଥ ନାଳର ପଥରରେ ପିଟି ହୋଇ ହାତୀର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି ବୋଲି ରେଞ୍ଜର ସୀତାରାମ ଶବର କହିଛନ୍ତି। ଖବରପାଇ ଆଠଗଡ଼, ଡିଏଫ୍‌ଓ, ଯଜ୍ଞଦତ୍ତ ପତି, ବଡ଼ମ୍ବା ବିଡିଓ ଦିଲେଶରୀ ବିଶ୍ୱାଳ, ରେଞ୍ଜର ସୀତାରାମ, ସଦର ବନପାଳ କୃଷ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ଦାନ୍ତ ଓ ହାଡ଼ ଇତ୍ୟାଦି ସଂଗ୍ରହ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ଧାନମଣ୍ଡି ଖୋଲିବା ବିଳମ୍ବ ପ୍ରତିବାଦରେ ବିକ୍ଷୋଭ

ବାଙ୍କୀ,୩୦।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନ ମଣ୍ଡଳୀର କୌଣସି ପଞ୍ଚାୟତରେ ଏପର୍ଯ୍ୟନ୍ତ ଧାନମଣ୍ଡି ଖୋଲି ନାହିଁ। ଫଳରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଭାଜପା କୃଷକମୋର୍ଚ୍ଚା ରାଜ୍ୟ କମିଟି ପକ୍ଷରୁ ପୂର୍ବତନ ବିଧାୟକ ପ୍ରାର୍ଥୀ ଅଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ବହୁ ଚାଷୀ ବାଙ୍କୀ ଗୁଡ଼ିକା ମାର୍କେଟ ପରିସରରୁ ବାହାରି ବଜାର ପରିକ୍ରମା କରିବା ସହ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। କୃଷକମୋର୍ଚ୍ଚା ଜିଲା ସଂଯୋଜକ ସିଦ୍ଧେଶ୍ୱର ପାଇକରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଧାନମଣ୍ଡି ଖୋଲିବା ପରେ କଟନି ଛଟନି ବନ୍ଦ କରିବା, ଅଚଳ ପାଣି ପଞ୍ଚାୟତକୁ କାର୍ଯ୍ୟକ୍ଷମ କରିବା, ଜୋନ୍‌ସ୍ତରରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ପ୍ରତିଷ୍ଠା, ମଣ୍ଡି ଖୋଲିବାସ୍ଥାନରେ ସିମେଣ୍ଟ ଚଟାଣ, ସୁରକ୍ଷିତ ଗୋଦାମ ଗୃହ , ଚାଷୀଙ୍କୁ ଟୋକନ ସହ ମାଗଣାରେ ବସ୍ତା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଭାଜପା ନେତା ନିତ୍ୟାନନ୍ଦ ସାହୁ, ପଦ୍ମଲୋଚନ ନାୟକ, ସୁରେଶ ଦାଶ, ପ୍ରଭାତ ରଣା ପ୍ରମୁଖ ଯୋଗଦେଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ଜାନୁୟାରୀରେ ଆସିବ ୪ ବ୍ୟାଟେରି ଗାଡ଼ି

କଟକ,୩୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

**■୨ ବର୍ଷ ପରେ ପୁନଃ କାର୍ଯ୍ୟକ୍ଷମ ହେଲା ମହାପ୍ରୟାଣ ଗାଡ଼ି**

କଟକ ଏସ୍‌ସିବି ମେଡିକାଲକୁ ଜାନୁୟାରୀ ପ୍ରଥମ ସପ୍ତାହରରେ ୪ଟି ବ୍ୟାଟେରି ଗାଡି ଆସିବ। ଏଥିସହ ୨ ବର୍ଷ ପରେ ପୁନର୍ବାର ଏସ୍‌ସିବିରେ କାର୍ଯ୍ୟକ୍ଷମ ହୋଇଛି ଦୁଇଟି ମହାପ୍ରୟାଣ ଗାଡ଼ି। ଏସ୍‌ସିବି ମେଡିକାଲରେ ଲାଗି ରହିଥିବା ସମସ୍ୟାର ସମାଧାନ ନେଇ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଛନ୍ତି। ୨୦୦୮ରେ ନାଲ୍‌କୋ ପକ୍ଷରୁ ଏସ୍‌ସିବି ମେଡିକାଲକୁ ୮ଟି ବ୍ୟାଟେରି ଗାଡି ଯୋଗାଇ ଦିଆଯାଇଥିଲା। ଉଇ କେୟାର ନାମକ ଏକ ଘରୋଇ ସଂସ୍ଥା ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ସେଥିମଧ୍ୟରୁ ୫ଟି ଷ୍ଟ୍ରେଚର ଗାଡ଼ିରେ ୫ ଡ୍ରାଇଭର ସହ ୧୦ ଜଣ ଆଟେଣ୍ଡାଣ୍ଟ, ଦୁଇଟି ସିଟିଂ ବ୍ୟାଟେରି ଗାଡ଼ିରେ ୨ ଜଣ ଡ୍ରାଇଭର ଓ ୨ ଜଣ ଆଟେଣ୍ଡାଣ୍ଟ ଓ ଗୋଟିଏ ମେଡ଼ିସିନ ସପ୍ଲାଏ ଗାଡ଼ିରେ ଜଣେ ଡ୍ରାଇଭର ସହ ଦୁଇ ଜଣ ଆଟେଣ୍ଡାଣ୍ଟ ନିୟୋଜିତ ହୋଇଛନ୍ତି। ଏସ୍‌ସିବିରେ ଏହି ଗାଡିଗୁଡିକ ରୋଗୀ ସେବାରେ ଲାଗିଛି। ତେବେ ରୋଗୀଙ୍କୁ ଗୋଟିଏ ବିଭାଗରୁ ଅନ୍ୟତ୍ର ନେବା ଆଣିବାରେ ଯେପରି ସମସ୍ୟା ନ ହେବ ସେଥିପାଇଁ ମେଡିକାଲକୁ ଆଉ ୪ଟି ଗାଡ଼ି ଅଣାଯାଉଥିବା ମେଡିକାଲ ପକ୍ଷରୁ ସୂଚନା ରହିଛି। ଏସ୍‌ସିବି ପରିସରରେ ଏକ ହେଲ୍ପଡ଼େସ୍କ ରହିଛି। ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ବ୍ୟାଟେରି ଗାଡ଼ି ଆବଶ୍ୟକତା ଅନୁଭବ କଲେ ଏଠାରେ ଥିବା ଲ୍ୟାଣ୍ଡଲାଇନ ଓ ମୋବାଇଲ ନମ୍ବରରେ ଯୋଗାଯୋଗ କରି ସେବା ପାଇପାରିବେ।

ଅପରପକ୍ଷରେ ଏସ୍‌ସିବିରେ ପୂର୍ବରୁ ମହାପ୍ରୟାଣ ଗାଡ଼ି ରହିଥିଲା। ହେଲେ କିଛି ସମସ୍ୟା ଯୋଗୁ ଦୁଇବର୍ଷ ହେବ ଏହି ସେବା ବନ୍ଦ ରହିଥିଲା। ମେଡିକାଲରେ ରୋଗୀଙ୍କର ମୃତ୍ୟୁ ଘଟିଲେ ମୃତଦେହ ନେବା ପାଇଁ ସମ୍ପର୍କୀୟମାନେ ହଇରାଣ ହେଉଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଜିଲା ପ୍ରଶାସନ ପକ୍ଷରୁ ୪ଟି ଗାଡ଼ି କିଣାଯାଇଛି। ସେଥିମଧ୍ୟରୁ ଦୁଇଟି ଗାଡ଼ି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମେଡିକାଲ ରକ୍ତଭଣ୍ଡାର ନିକଟରେ ମହାପ୍ରୟାଣ ଗାଡ଼ି ପାଇଁ ଜିଲା ରେଡ୍‌କ୍ରସ ପକ୍ଷରୁ ହେଲ୍ପଡେସ୍କ ଖୋଲାଯାଇଛି। ସକାଳ ୬ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ଏନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ମେଡିକାଲ ପରିସରରେ ବ୍ୟାଟେରି ଗାଡ଼ି ଚାଲିଛି। ତେବେ ଅଧିକ ରୋଗୀସଂଖ୍ୟାକୁ ଦୃଷ୍ଟିରେ ରଖି ଜାନୁୟାରୀ ପ୍ରଥମ ସପ୍ତାହରେ ମେଡ଼ିକାଲକୁ ଆଉ ୪ଟି ବ୍ୟାଟେରୀ ଗାଡ଼ି ଉକ୍ତ କମ୍ପାନୀ ଯୋଗାଇ ଦେବା ନେଇ ସୂଚନା ରହିଛି। ଏହାଦ୍ୱାରା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ନେବା ଆଣିବାରେ ସୁବିଧା ହେବ। ସେହିପରି ମହାପ୍ରୟାଣ ଗାଡ଼ି ମୃତକଙ୍କ ପରିବାର ଲୋକଙ୍କ ସୁବିଧା ନେଇ ପୁନର୍ବାର କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଛନ୍ତି।

